

ଗିଜୁଭାଇଙ୍କ ଫୁଲପେନ୍ଥା - ୫

# ଆଖିଦେଖା କଥା

ଗିଜୁଭାଇ ବଧେକା

ଅନୁବାଦ
ସଂଘମିତ୍ରା ମିଶ୍ର

ପ୍ରସ୍ତୁତି ଓ ଚିତ୍ରାଙ୍କନ
ଆବିଦ ସୁରତୀ

ନେହେରୁ ବାଳ ପୁସ୍ତକାଳୟ

ଗିଜୁଭାଇଙ୍କ ଫୁଲପେଣ୍ଡା - ୫

# ଆଖିଦେଖା କଥା

ଗିଜୁଭାଇ ବଧେକା

ଅନୁବାଦ
ସଂଘମିତ୍ରା ମିଶ୍ର

ପ୍ରସ୍ତୁତି ଓ ଚିତ୍ରାଙ୍କନ
ଆବିଦ ସୁରତୀ

nbt.india
एकः सूते सकलम्
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ



ISBN 978-81-237-7918-8

ପ୍ରଥମ ସଂସ୍କରଣ 2016 (ଶକାବ୍ଦ 1938)

© ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Original : Aankho Dekhi *(Hindi)*

Translation : Akhidekha Katha *(Odia)*

**₹ 85.00**

ନିର୍ଦ୍ଦେଶକ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
ନେହେରୁ ଭବନ, 5, ଇନ୍‌ଷ୍ଟିଟ୍ୟୁସନାଲ ଏରିଆ, ଫେଜ୍ - II
ବସନ୍ତ କୁଞ୍ଜ, ନୂଆଦିଲ୍ଲୀ-110070 କର୍ତ୍ତୃକ ପ୍ରକାଶିତ ।

Website : www.nbtindia.gov.in

ଚୋର ଓ ଚଢ଼େଇ

ବୁଦ୍ଧିମତୀ ପତ୍ନୀ

ହାତୀଭଳିଆ କାନ

ବଗୁଲା ବେଇମାନ

ଆଖିଦେଖା


ଚିତା ଗଲା ଶ୍ୱଶୁରଘର

ଖଡ଼ବଡ଼ ଖଡ଼ବଡ଼ କିଛି ଖୋଲୁଛି

କୁଆ ଚାଲିଲା ହଂସର ଚାଲି

ଚାଲ୍‌ରେ ଢୋଲ ଢମ୍ ଢମ୍ ଢମ୍

ବେଡ଼ି ଉପରେ କୋରଡ଼ା



## ଶିକ୍ଷକ ଭାଇ-ଭଉଣୀମାନଙ୍କ ପାଇଁ

ଦେଖନ୍ତୁ, ଏହା ହେଉଛି ପିଲାମାନଙ୍କ କାହାଣୀ । ଆପଣମାନେ ପିଲାମାନଙ୍କୁ ଏହା ଶୁଣାନ୍ତୁ । ପିଲାଏ ଏହାକୁ ଆନନ୍ଦର ସହିତ ବାରବାର ଶୁଣିବେ । କାହାଣୀକୁ ମଜାଳିଆ ଢ଼ଙ୍ଗରେ କୁହନ୍ତୁ, କୋମଳତାର ସହ ପ୍ରକାଶ କରନ୍ତୁ । କାହାଣୀ ଏମିତି ବାଛନ୍ତୁ, ଯାହା ପିଲାମାନଙ୍କ ବୟସ ସହିତ ମେଳ ଖାଉଥିବ । ଭାଇମାନେ, ଏହି କାହାଣୀଗୁଡ଼ିକୁ ଆପଣ ପିଲାମାନଙ୍କୁ ଘୋଷାନ୍ତୁ ନାହିଁ, ବରଂ ପଢ଼ାଇବା ପୂର୍ବରୁ ନିଜେ ଅନୁଭବ କରନ୍ତୁ ଏହି କାହାଣୀଗୁଡ଼ିକ ଯାଦୁର ବାଡ଼ି ପରି ଆଶ୍ଚର୍ଯ୍ୟ ନୁହେଁ କି !

ଯଦି ଆପଣମାନେ ପିଲାମାନଙ୍କ ପ୍ରତି ସ୍ନେହଶୀଳ ତା'ହେଲେ ତା'ର ଆରମ୍ଭ କାହାଣୀରୁ ହିଁ କରନ୍ତୁ । ଯଦି ଆପଣମାନେ ପିଲାମାନଙ୍କଠୁ ଭଲ ପାଇବା ଚାହାନ୍ତି ତା'ହେଲେ କାହାଣୀ ହେଉଛି ତା'ର ଏକମାତ୍ର ମାଧ୍ୟମ । ପଣ୍ଡିତ ହୋଇ କେବେ କାହାଣୀ ଶୁଣାନ୍ତୁ ନାହିଁ । କଣ୍ଢା ପରି ଫୋଡ଼ିବାକୁ ଚେଷ୍ଟା କରନ୍ତୁ ନାହିଁ । ଏ ତ ବହିଲା ଗଙ୍ଗା ପରି । ଏଥିରେ ପ୍ରଥମେ ଆପଣ ବୁଡ଼ ପକାନ୍ତୁ, ପରେ ପିଲାମାନଙ୍କୁ ଗାଧୋଇ ଦିଅନ୍ତୁ ।

ଗିଜୁଭାଇ







# ଚୋର ଓ ଚଢ଼େଇ

ଜଣେ ଚାଷୀ ଥିଲା । ସେ ତା' ଜମିରେ ହଳ କରି ଯଅ ଲଗାଇଥିଲା । ଯଅରେ ବଡ଼ ବଡ଼ କେଣ୍ଡା ହେଲା । ଚାଷୀ ଭାବିଲା ଏବେ କ୍ଷେତ ଜଗିବାକୁ ଗୋଟେ ଚୌକିଦାର ରଖିବାକୁ ପଡ଼ିବ । ସେ ପହରା ଦେବ ଓ ଚଢ଼େଇ ମଧ୍ୟ ହୁରୁଡ଼େଇବ ।

ଚୌକିଦାର ରାତିରେ ଚୋର ଜଗିଲା । ଦିନରେ ଚଢ଼େଇମାନଙ୍କୁ ଉଡ଼ାଇଲା । ଏମିତି କାମ କରୁ କରୁ କିଛି ଦିନ ଚାଲିଗଲା । ଦିନେ ରାତିରେ ଚୋର ଆସିଲେ । ଚୌକିଦାରକୁ ପିଟି ଯଅ କେଣ୍ଡା ସବୁ ଚୋରି କରି ନେଇଗଲେ । ଦ୍ୱିତୀୟ ଦିନ ଚୌକିଦାର ବି ପଳେଇଲା । ଚାଷୀ ଆଉ ଜଣେ ନୂଆ ଚୌକିଦାର ରଖିଲା । ଚୋରମାନେ ତାକୁ ମାରି ମାରି ଘାଇଲା କରିଦେଲେ ଓ କେଣ୍ଡାତକ ଚୋରାଇ ଚମ୍ପଟ ହୋଇଗଲେ ।

ଚାଷୀ ଭାବିଲା, ଏ ତ ବଡ଼ ଅସୁବିଧା ହୋଇଗଲା । ଏହାର କିଛି ହେଲେ ଉପାୟ ତ ବାହାର କରିବାକୁ ପଡ଼ିବ । ଭାବି ଭାବି ସେ ଭଗବାନ୍ କ୍ଷେତ ଦେବତାଙ୍କୁ ସ୍ମରଣ କଲା । କ୍ଷେତ ଦେବତା ବଡ଼ ପ୍ରତାପୀ । ତାଙ୍କ ଇସାରାରେ ସୂର୍ଯ୍ୟ ଉଏଁ । ତାଙ୍କ ସଂକେତରେ ଦିନ ଯାଇ ରାତି ଆସେ । ତାଙ୍କୁ ହିଁ ନିଜ ଦୁଃଖ ଜଣାଇବାକୁ ପଡ଼ିବ ।

ସେଇ ରାତିରେ ଭଗବାନ୍ କ୍ଷେତ ଦେବତା ଚାଷୀକୁ ସ୍ୱପ୍ନରେ ଦେଖା ଦେଲେ । ସେ ଚାଷୀକୁ ପଚାରିଲେ, "ଭକ୍ତ, ତୁମେ ମୋତେ ସ୍ମରଣ କଲ ?" ଚାଷୀ 'ହଁ' କହି ହାତ ଯୋଡ଼ି କହିଲା "ଭଗବାନ୍, ଆପଣଙ୍କ କୃପାରୁ ଯଅର ବଡ଼ ବଡ଼ କେଣ୍ଡା ହୋଇଛି । କିନ୍ତୁ ଚୋର ତାକୁ ରଖେଇ ଦେଉ ନାହାନ୍ତି । ସେମାନେ ଦୁଇଜଣ ଚୌକିଦାରଙ୍କୁ ମାଡ଼ ମାରି ତଡ଼ି ଦେଲେଣି । ଭଗବାନ୍,

ଆପଣ ହିଁ କୌଣସି ଉପାୟ କରନ୍ତୁ, କୌଣସି ରାସ୍ତା ଦେଖାନ୍ତୁ ।"

କ୍ଷେତ ଦେବତା କହିଲେ "ଭକ୍ତ, ଆଜିଠାରୁ ତୁମର ଚିନ୍ତା ଶେଷ ଓ ମୋର ଆରମ୍ଭ । ଜମିରେ ଗୋଟିଏ ବାଉଁଶ ପୋତିଦିଅ ଓ ତମାସା ଦେଖ ।"

ସକାଳୁ ଆଖି ଖୋଲିବା ପରେ ଚାଷୀ ସବା ଆଗ ଭଗବାନ୍‌ଙ୍କ ଆଦେଶ ଅନୁସାରେ ଜମି ମଝିରେ ଗୋଟିଏ ବାଉଁଶ ପୋତି ଦେଲା । ସୂର୍ଯ୍ୟ ବୁଡ଼ିଲେ । ଆକାଶ ଲାଲ ଦିଶିଲା । ସନ୍ଧ୍ୟା ହେଲା । ଭଗବାନ୍ ଚଢ଼େଇଟିଏ ହୋଇ ବାଉଁଶ ଉପରେ ବସିଗଲେ । ଅଧ ରାତିରେ ଚୋର ଆସିଲେ । ସେମାନେ ପାଦ ଚିପିଚିପି ଜମିରେ ବୁଲିଲେ- ତାହା ଦେଖି ଚଢ଼େଇ କହିଲା-

**ଏବେ ବୁଲାବୁଲି ସବୁ ଛାଡ଼ି ଦିଅ**
**ଆଜି ବିଲ ଜଗିଛନ୍ତି କ୍ଷେତଦିଅଁ**

ଚୋରମାନେ ଚମକିଲେ । "ଆରେ କିଏ ଏକଥା କହିଲା ?" ଏପାଖ ସେପାଖ ହୋଇ ଦେଖିଲେ ତ କେହି ଦିଶିଲେନି । ସେମାନେ ଯଅ କେଣ୍ଡା କାଟିବା ଆରମ୍ଭ କରିଦେଲେ । ଏ କଥା ଦେଖି ଚଢ଼େଇ କହିଲା-

**ଏବେ କଟାକଟି କାମ ଛାଡ଼ିଦିଅ**
**ଆଜି ବିଲ ଜଗିଛନ୍ତି କ୍ଷେତଦିଅଁ**

ଚୋରମାନେ ଚାରିଆଡ଼ ଦେଖିଲେ କିନ୍ତୁ କେହି ଦେଖାଗଲେନି । ସେମାନେ କେଣ୍ଡାସବୁ କାଟି ପୁଟୁଳି ବାନ୍ଧି ଦେଲେ । ଏହା ଦେଖି ଚଢ଼େଇ କହିଲା-

**ଏବେ ବନ୍ଧାବନ୍ଧି ସବୁ ଛାଡ଼ିଦିଅ**
**ଆଜି ବିଲ ଜଗିଛନ୍ତି କ୍ଷେତଦିଅଁ**

ଚୋରମାନେ ଏଥର ଛାନିଆ ହୋଇ ଯାଡ଼େ ସାଡ଼େ ଦେଖିଲେ । ବାଉଁଶ ଉପରେ ବସିଥିବା ଚଢ଼େଇ ଉପରେ ସେମାନଙ୍କର ନଜର ପଡ଼ିଲା । ସେମାନେ ପଥର ଫୋପାଡ଼ି ତାକୁ ମାରିଦେବାକୁ ବସିଲେ । ଚଢ଼େଇ କହିଲା-

**ଏବେ ମାଡ଼ ମରାମରି ଛାଡ଼ିଦିଅ**
**ଆଜି ବିଲ ଜଗିଛନ୍ତି କ୍ଷେତଦିଅଁ**

ଚଢ଼େଇ ତଳକୁ ନ ଆସିବାରୁ ଚୋରମାନେ ଜାଲ ଫିଙ୍ଗିଲେ । ଚଢ଼େଇ ଜାଲରେ ପଡ଼ିଗଲା । ସେ ତଳକୁ ଆସୁ ଆସୁ କହିଲା–

**ଏବେ ଜାଲଫାଲ କଥା ଛାଡ଼ିଦିଅ**
**ଆଜି ବିଲ ଜଗିଛନ୍ତି କ୍ଷେତଦିଅଁ**

ଏ କଥା ଶୁଣି ଚୋରମାନେ ରାଗିଗଲେ ଓ ଚଢ଼େଇକୁ ପିଟିବାକୁ ଲାଗିଲେ । ଚଢ଼େଇ କହିଲା–

**ଏବେ ପିଟାପିଟି କାମ ଛାଡ଼ିଦିଅ**
**ଆଜି ବିଲ ଜଗିଛନ୍ତି କ୍ଷେତଦିଅଁ**

ଏବେ ଚୋରମାନେ ଏତେ ରାଗିଗଲେ ଯେ ସେମାନେ ଚଢ଼େଇକୁ କାଟି ଟିକ୍‌ଟିକ୍ କରିବାକୁ ଲାଗିଲେ । ପୁଣି ବି ଚଢ଼େଇ କହୁଥାଏ–



**ଏବେ କଟାକଟି କଥା ଛାଡ଼ିଦିଅ**
**ଆଜି ବିଲ ଜଗିଛନ୍ତି କ୍ଷେତଦିଅଁ**

ଚୋରମାନେ ନିଆଁ ଜଳାଇ ଚଢ଼େଇଟିର ମାଂସ ଟୁକୁଡ଼ାକୁ ପୋଡ଼ିବାକୁ ଲାଗିଲେ । ସେତେବେଳେ ଚଢ଼େଇର ମାଂସଟୁକୁଡ଼ା କହିଲା-

**ଏବେ ପୋଡ଼ାପୋଡ଼ି ଛାଡ଼ିଦିଅ**
**ଆଜି ବିଲ ଜଗିଛନ୍ତି କ୍ଷେତଦିଅଁ**

ପୁଣି ସବୁତକ ଚୋର ଚଢ଼େଇ ମାଂସ ଖାଇବାକୁ ବସିଲେ । ସମସ୍ତେ ଖଣ୍ଡେ ଲେଖାଏଁ ମାଂସ ଉଠାଇ ନେଲେ । ଯେମିତି ତାକୁ ପାଟିରେ ପୂରାଇଛନ୍ତି, ଏକାବେଳକେ ସବୁତକ ମାଂସଖଣ୍ଡ ଗୋଟିଏ ସ୍ୱରରେ ଗୀତ ଗାଇଲେ-


**ଏବେ ଚୋରି ଡକାଏତି ଛାଡ଼ିଦିଅ**
**ଆଜି ବିଲ ଜଗିଛନ୍ତି କ୍ଷେତଦିଅଁ**

ଚୋର ସର୍ଦ୍ଦାର ଘାବୁରେଇଗଲା । ସେ କହିଲା, ''ଏ ତ ବଡ଼ ଆଶ୍ଚର୍ଯ୍ୟ କଥା । ଏଇଠି ନିଶ୍ଚୟ କୋଉଠି ଅସୁର ଛପିଛି । ଏସବୁ ତା'ରି ଚମତ୍କାର । ସେ ଆମକୁ ଏକାଥରକେ ଗିଳିଦେବ । ତା' ପୂର୍ବରୁ ଚାଲ ଏଠାରୁ ଧାଇଁ ପଳାଇବା । ଏହା ଆମ ପାଇଁ ଭଲ ହେବ ।''

ଚୋରମାନେ ଏତେ ଭୟଭୀତ ହୋଇଥିଲେ ଯେ ସେମାନେ ସବୁ ଜିନିଷ ଛାଡ଼ି ଦୌଡ଼ି ପଳାଇଲେ ଓ ପୁନର୍ବାର ସେ କ୍ଷେତକୁ କେବେ ଲେଉଟି ଆସିଲେ ନାହିଁ ।

# ବୁଦ୍ଧିମତୀ ପତ୍ନୀ

ଜଣେ ସର୍ଦ୍ଦାର ଓ ତାଙ୍କ ପତ୍ନୀ ଥିଲେ । ଦିନଯାକ ଖଟିବା ପରେ ସର୍ଦ୍ଦାର ଥକିଯାଇ ସନ୍ଧ୍ୟାବେଳକୁ ଘରକୁ ଫେରୁଥିଲେ । ସେ ଦିନେ ତାଙ୍କ ପତ୍ନୀଙ୍କୁ ଡାକି କହିଲେ "ଆଜି ତ ମୁଁ ଖୁବ୍ ଥକିଯାଇଛି । ଯଦି ତୁମେ କିଛି ପାଣି ଗରମ କରି ଦେବ ତ ମୁଁ ଗାଧୋଇ ପଡ଼ିଲେ ମୋ ଥକ୍କା ମେଣ୍ଟିଯିବ ।" ପତ୍ନୀ କହିଲେ, "ବାଃ, ଏଇଟା ତ ମୋ ଦାୟିତ୍ୱ ।



ମୁଁ ଖୁସିରେ ପାଣି ଗରମ କରିଦେବି । ଟିକେ ଏ ହଣ୍ଡାଟା ଉଠାଇ ଦିଅ ତ !" ସର୍ଦ୍ଦାରଜୀ ହଣ୍ଡା ଉଠାଇଲେ । 'ଏବେ ?' ପତ୍ନୀ କହିଲେ 'କୂଅରୁ ଏଥିରେ ପାଣି ଭର୍ତ୍ତି କରି ଆଣ ।'

ସର୍ଦ୍ଦାରଜୀ ପାଣି ଭର୍ତ୍ତି କରି ଦେଲେ, 'ଏବେ ?' ପତ୍ନୀ କହିଲେ 'ଏବେ କାଠରେ ନିଆଁ ଧରାଅ ।' ସର୍ଦ୍ଦାରଜୀ କାଠରେ ନିଆଁ ଧରାଇଲେ, 'ଏବେ ?' ସର୍ଦ୍ଦାରଜୀଙ୍କ ପ୍ରଶ୍ନରେ ପତ୍ନୀ କହିଲେ 'ଚୁଲି ଫୁଙ୍କ' । ସର୍ଦ୍ଦାରଜୀ ଫୁଙ୍କି ଫୁଙ୍କି ଚୁଲି ଜଳାଇଲେ, 'ଏବେ ?'

ପତ୍ନୀ କହିଲେ 'ପାଣି ଗରମ ହେବାକୁ ଦିଅ ।' ସର୍ଦ୍ଦାରଜୀ ତାହାହିଁ କଲେ, 'ଏବେ ?' ପତ୍ନୀ କହିଲେ 'ହଣ୍ଡା ଚୁଲିରୁ ତଳକୁ କାଢ଼ିଦିଅ ।'

ସର୍ଦ୍ଦାରଜୀ ହଣ୍ଡାକୁ ତଳକୁ ଓହ୍ଲାଇଲେ । 'ଏବେ ?' ପତ୍ନୀ କହିଲେ ହଣ୍ଡାକୁ ଗାଧୁଆଘରେ ରଖିଦିଅ ।' ସର୍ଦ୍ଦାରଜୀ ହଣ୍ଡାକୁ ନେଇ ଗାଧୁଆଘରେ ରଖିଦେଲେ । 'ଏବେ ?' ପତ୍ନୀ କହିଲେ



'ଯାଅ ଗାଧୋଇ ପଡ଼ ।'

ସର୍ଦ୍ଦାରଜୀ ସ୍ନାନ ସାରି ବାହାରକୁ ଆସିଲେ । 'ଏବେ ?' ପତ୍ନୀ କହିଲେ, 'ହଣ୍ଡା ନେଇ ତା' ଜାଗାରେ ରଖିଦିଅ' । ସର୍ଦ୍ଦାରଜୀ ହଣ୍ଡାକୁ ନେଇ ତା' ଜାଗାରେ ଥୋଇ ଦେଲେ । ତାଙ୍କୁ ତାଜା ଲାଗୁଥିଲା ଓ ସେ ଖୁସିରେ ଝୁଲିବା ଆରମ୍ଭ କଲେ । 'ଆରେ ବାଃ, ଏ ତ ଆଶ୍ଚର୍ଯ୍ୟର କଥା ହୋଇଗଲା ।' ପତ୍ନୀଙ୍କ ପାଖକୁ ଆସି ସେ କହିଲେ 'ଟିକେ ଦେଖିଲ ଏ ଶରୀର କେମିତି ଫୁଲ ଭଳି ହାଲୁକା ଲାଗୁଛି । ଯଦି ତୁମେ ସବୁଦିନ ଏମିତି ପାଣି ଗରମ କରି ଦେବତ ମଜା ଆସିଯିବ ।'


ପତ୍ନୀ କହିଲେ, "ମୁଁ ଏଥିପାଇଁ ମନା କରିବି କାହିଁକି ? ଯଦି ତୁମେ ଅଳସୁଆମି ଛାଡ଼ିଦେବ ତ ନିଶ୍ଚୟ ମଜା ଆସିଯିବ ।" ସର୍ଦ୍ଦାରଜୀ ମାନିଲେ "ହଁ, ଏମିତି ତାଜା ରହିବା ପାଇଁ ଆମକୁ ଅଳସୁଆମି ଛାଡ଼ିବାକୁ ପଡ଼ିବ ।" ପତ୍ନୀ ଖୁସିରେ କହିଲେ "ଏ ସିନା ଠିକ୍ କଥା ହେଲା । ବାଃ... ବାଃ..." ପୁଣି ଦି'ଜଣଯାକ 'ବାଃ... ବାଃ...' କହି ନାଚିବାରେ ଲାଗିଲେ ।



# ହାତୀଭଳିଆ କାନ

ଜଣେ ରାଜା ଥିଲେ । ଥରେ ସେ ଏକ ମଣିଷଖିଆ ଚିତାବାଘକୁ ଶିକାର କରିବାକୁ ବାହାରିଲେ; କିନ୍ତୁ ତାକୁ ଶିକାର କରିପାରିଲେନି । ସନ୍ଧ୍ୟା ହେଲା । ରାଜାଙ୍କୁ ଖୁବ୍ ଭୋକ ହେଉଥିଲା । ରାଜା ଜଙ୍ଗଲରେ ବାଟ ଭୁଲିଯାଇଥିଲେ । ତେଣୁ ନିଜ ରାଜଧାନୀକୁ ସେ ଫେରି ଆସିପାରୁ ନ ଥିଲେ । ଭୋକରେ ବିକଳ ହୋଇ ସେ ଗୋଟିଏ ବରଗଛର ଛାଇରେ ବସିପଡ଼ିଲେ । ସେଠାରେ ହଳେ ଚଢ଼େଇଙ୍କ ଉପରେ ତାଙ୍କର ଆଖି ପଡ଼ିଲା ।

ରାଜାଙ୍କୁ ଜୋରରେ ଭୋକ ଲାଗୁଥିଲା । ସେ ଚଢ଼େଇ ଦିଓଟିଙ୍କୁ ପୋଡ଼ି ଖାଇବାକୁ ଠିକ୍ କଲେ । ବିଚାରୀ ଚଢ଼େଇ ଦୁହେଁ ଚୁପ୍‌ଚାପ୍ ନିଜ ବସାରେ ବସିଥିଲେ । ରାଜା ତାଙ୍କୁ ଧରି ତାଙ୍କ



ବେକ ମୋଡ଼ି ଦେଲେ ଓ ପୋଡ଼ି ଖାଇଦେଲେ । ଏ କାର୍ଯ୍ୟରେ ରାଜାଙ୍କର ଖୁବ୍ ପାପ ହେଲା । ସାଙ୍ଗେ ସାଙ୍ଗେ ତାଙ୍କ କାନ ହାତୀକାନ ପରି ବଡ଼ ବଡ଼ ହୋଇଗଲା । ରାଜା ଚିନ୍ତା କଲେ, ଏବେ କ'ଣ କରାଯିବ ?

କୌଣସିମତେ ସେ ଜଙ୍ଗଲରୁ ବାହାରିଲେ ଓ ରାତି ହେଲା ପରେ ନିଜ ମହଲରେ ପଶିଗଲେ । ପୁଣି ଦେଓ୍ୱାନଙ୍କୁ ଡକାଇ ସେ ସବୁ କଥା କହିଲେ । ଶେଷରେ କହିଲେ "ଏହା ଗୋଟିଏ ଗୁପ୍ତ କଥା । ଏ କଥା ଯେମିତି କେହି ନ ଜାଣନ୍ତି ! କାହାକୁ ମୋ କୋଠରିକୁ ଆସିବାକୁ ଅନୁମତି ଦିଆଯିବ ନାହିଁ ।" ରାଜାଙ୍କ କୋଠରି ରାଜପ୍ରାସାଦର ସପ୍ତମ ମହଲାରେ ଥିଲା ।

ଦି'ଦିନ ପରେ ରାଜାଙ୍କ ବାଳ କାଟିବାକୁ ଭଣ୍ଡାରି ଆସିଲା । ଦେଓ୍ୱାନ ରାଜାଙ୍କୁ ପଚାରିଲେ 'ଏବେ' ? ରାଜା ବିରକ୍ତ ହୋଇ କହିଲେ "ମୋ ମୁଣ୍ଡ । ଦାଢ଼ି କାଟିବା ହିଁ ଦରକାର । କେଶ କାଟିବା ଦରକାର ନାହିଁ । ତାକୁ ଉପରକୁ ପଠାଇଦିଅ ।" ଏକୁଟିଆ ଭଣ୍ଡାରି ସପ୍ତମ ମହଲାରେ ପହଞ୍ଚିଲା । ସେ ରାଜାଙ୍କର ବଡ଼ ବଡ଼ କାନ ଦେଖି ମୁହଁ ବୁଲାଇ ହସିଦେଲା । ରାଜା ଭ୍ରୂକୁଞ୍ଚନ କରି କହିଲେ "ଶୁଣ୍ ଟୁନି, ଯଦି ତୁ କାହାକୁ କିଛି କହୁ ତ ତୋତେ ମୁଁ ଘଣାରେ ପେଷି ଚୂନା ବନାଇ ଦେବି ।" ଭଣ୍ଡାରି ହାତ ଯୋଡ଼ି କହିଲା "ମହାରାଜ ଏ ତ ରାଜପରିବାରର ସମ୍ମାନର ପ୍ରଶ୍ନ । ଭାବିନିଅନ୍ତୁ ଯେ ମୁଁ ମୋ ଓଠ ସିଲେଇ କରି ଦେଇଛି ।"

ଟୁନି ଭଣ୍ଡାରିର ମସ୍ତିଷ୍କ ଖୁବ୍ ଦୁର୍ବଳ ଥିଲା । ତା' ପେଟରେ ଏକଥା ବା କେମିତି ରହିପାରିଥାଆନ୍ତା ? ସେ ଯୁଆଡ଼େ ଯାଉଥିଲା ଭାବୁଥିଲା "ଏ କଥାଟି କହିବ ତ କାହାକୁ ? ଯାହାକୁ ବି କହିବି ସେ ରଜାଘରକୁ ଯାଇ ଚୁଗୁଲି କରିଦେବ ତ ମୋ ଦାନାପାଣି ଉଠିଯିବ ।" କଥାଟା ମୁହଁରୁ ବାହାରିଯିବା ପୂର୍ବରୁ ସେ ଜଙ୍ଗଲ ଆଡ଼କୁ ଧାଇଁଲା । ଗୁପ୍ତ କଥାଟା ତା' ପେଟରେ ଗୁଡୁଗୁଡୁ ହେଉଥିଲା । ମୁହଁ ବାଟେ ପଦାକୁ ବାହାରି ଆସିବାକୁ ବି ଚାହୁଁଥିଲା । ଶେଷରେ ଭଣ୍ଡାରି ଜଙ୍ଗଲରେ ପହଞ୍ଚି ଗୋଟିଏ ଗଛକୁ କହିଲା-



ହାତୀ ପରି କାନ ରଜାଙ୍କର ହାତୀ ପରି କାନ
ମୋ କଥାଟି ମାନ ତୁମେ ମୋ କଥାଟି ମାନ

ଏ କଥାଟି ଶୁଣି ଗଛକୁ ମଜା ଲାଗିଲା । ସେ ଖୁସିରେ ଝୁଲି ଝୁଲି ଗାଇଲା–

ହାତୀ ପରି କାନ ରଜାଙ୍କର ହାତୀ ପରି କାନ
ମୋ କଥାଟି ମାନ ତୁମେ ମୋ କଥାଟି ମାନ

ସେତିକିବେଳେ ଜଣେ ବଢ଼େଇ ସେ ଗଛ ପାଖରେ ପହଞ୍ଚିଲା । ଗଛ ଗୀତ ଗାଉଥିବା ଦେଖି ସେ ଆଶ୍ଚର୍ଯ୍ୟ ହେଲା । ସେ ଭାବିଲା ମୁଁ ତ ଏ ଗଛର କାଠରେ ବାଜା ତିଆରି କଲେ ଭଲ ହୁଅନ୍ତା ! ମୁଁ ତାକୁ ରାଜାଙ୍କୁ ଭେଟି ଦିଅନ୍ତି । ରାଜା ଖୁସି ହେଲେ ମୋ ଦୁଃଖ ଘୁଞ୍ଚିଯିବ ।

ବଢ଼େଇ ସେ ଗଛକୁ କାଟି ସେଥିରେ ଗୋଟିଏ ତବଲା, ଗୋଟିଏ ସାରଙ୍ଗୀ ଓ ଢୋଲ ତିଆରି କଲା । ଯେତେବେଳେ ସେ ଏହି ଯାଦୁକରୀ ବାଜା ନେଇ ରାଜନଅରରେ ପହଞ୍ଚିଲା, ଦେଓ୍ୱାନ ତାକୁ ଅଟକାଇ ରାଜାଙ୍କ ପାଖକୁ ଯାଇ ସୂଚନା ଦେଲେ । ରାଜା କହିଲେ ସେ ଉପରକୁ ଆସିବା ଦରକାର ନାହିଁ । ତାକୁ କୁହ ସେ ତଳେ ବଗିଚାରେ ବସି ତା ଯାଦୁକରୀ ବାଜାମାନଙ୍କର ଚମତ୍କାରିତା ପ୍ରଦର୍ଶନ କରୁ ।

ବଢ଼େଇ ଦେଓ୍ୱାନଙ୍କ ସାଙ୍ଗରେ ବାଜା ନେଇ ବଗିଚାକୁ ଗଲା । ସେ ତିନୋଟି ବାଜା ସଜାଡ଼ି ରଖିବା ମାତ୍ରେ ଅସୁବିଧା ଆରମ୍ଭ ହୋଇଗଲା । ତବଲା ଆପଣାଛାଏଁ ବାଜି ଉଠିଲା–

ହାତୀ ପରି କାନ ରଜାଙ୍କର ହାତୀ ପରି କାନ
ମୋ କଥାଟି ମାନ ତୁମେ ମୋ କଥାଟି ମାନ

ସାରଙ୍ଗୀ ଗାଇବାକୁ ଲାଗିଲା–

ହାତୀ ପରି କାନ ରଜାଙ୍କର ହାତୀ ପରି କାନ
ମୋ କଥାଟି ମାନ ତୁମେ ମୋ କଥାଟି ମାନ

ଢୋଲକ ଢପ ଢପ କରି ଗାଇଲା–

ହାତୀ ପରି କାନ ରଜାଙ୍କର ହାତୀ ପରି କାନ
ମୋ କଥାଟି ମାନ ତୁମେ ମୋ କଥାଟି ମାନ

ସପ୍ତମ ମହଲାର ଝରକା ପାଖରେ ଠିଆହୋଇ ରାଜା ସବୁ ବୁଝିପାରିଲେ । ସେ ବଢ଼େଇକୁ ପୁରସ୍କାର ଦେଇ ବାଜା ତିନୋଟିକୁ ନଅରରେ ରଖିଦେଲେ । ଏବେ ଭଣ୍ଡାରିର ପାଳି ଥିଲା । ଦେୱାନ ତାକୁ ଖୋଜି ଆଣିଲେ ଓ ରାଜା ଖୁବ୍ କଡ଼ା ସ୍ୱରରେ ତାକୁ ପଚାରିଲେ "ସତ କହିଦେ ଟୁନି, ଏ ଗୁପ୍ତ କଥାଟି ତୁ କାହାକୁ କହିଥିଲୁ ?"

ଭଣ୍ଡାରି କହିଲା, "ମହାରାଜ, ଏ କଥା ମୁଁ କାହାକୁ କହି ନାହିଁ । ମୋର କହିବା କଥା ହେଉଛି କୌଣସି ମଣିଷକୁ କହି ନାହିଁ । ପେଟ ଭିତରେ କଥାଟା ଖୁବ୍ ଘାଣ୍ଟିଚକଟି ହେଲା ତ ମୋତେ ଗୋଟିଏ ଗଛକୁ ଏ କଥା କହିବାକୁ ପଡ଼ିଲା । କ୍ଷମା କରନ୍ତୁ ମହାରାଜ ।" ରାଜା ତାକୁ ସାତସମୁଦ୍ର ଆରପାରିକୁ ପଠାଇ ଦେଲେ, ଯେଉଁଠି କାହାକୁ ବି 'ହାତୀ ପରି କାନ' ର ଗୁପ୍ତ କଥା ବିଷୟରେ ଜଣା ନ ଥିଲା ।





# ବଗୁଲା ବେଇମାନ

ସୋନା ନାମ୍ନୀ ଝିଅଟି ଏତେ ସୁନ୍ଦରୀ ଥିଲା ଯେ ଲୋକେ ତାକୁ ଦେଖି ଆଶ୍ଚର୍ଯ୍ୟରେ ରହିଯାଉଥିଲେ । ଦିନେ ସୋନା ନିଜ ସାଙ୍ଗମାନଙ୍କ ସହିତ ମାଟି ଆଣିବାକୁ ଯାଇଥିଲା । ଯେଉଁ ସ୍ଥାନ ସେ ଖୋଳୁଥିଲା ସେଠାରୁ ସୁନା ବାହାରୁଥିଲା ଓ ତା' ସାଙ୍ଗମାନେ ଖୋଳୁଥିବା ଜାଗାରୁ ମାଟି ବାହାରୁଥିଲା । ଏକଥା ଦେଖି ତା' ସାଙ୍ଗମାନେ ଈର୍ଷାରେ ଜଳି ଯାଉଥିଲେ । ସେମାନେ ନିଜ ନିଜର ଟୋକେଇ ଧରି ସୋନାକୁ ଏକୁଟିଆ ଛାଡ଼ି ଚାଲିଗଲେ ।

ସୋନା ନିଜ ଟୋକେଇ ଉଠାଇ ମୁଣ୍ଡରେ ରଖିବାକୁ ଚେଷ୍ଟା କଲା କିନ୍ତୁ ପାରିଲାନି । ସେତେବେଳେ ସେଠାକୁ ଏକ ବଗୁଲା ଆସିଲା । ସୋନା କହିଲା ''ହେ ବଗୁଲା ରାଜା, ବଗୁଲା ରାଜା, ଏ ଟୋକେଇଟି ଖୁବ୍ ଓଜନିଆ ହୋଇଛି । ଆପଣ ଟୋକେଇଟିକୁ ମୋ ମୁଣ୍ଡ ଉପରକୁ ଉଠାଇ ଦେବାକୁ ମୋତେ ସାହାଯ୍ୟ କରିବେ କି ?

ବଗୁଲା କହିଲା, ''ତୁମେ ଯଦି ମୋତେ ବାହା ହେବାକୁ ରାଜି ହୋଇଯିବ ତେବେ ମୁଁ ତୁମକୁ ସାହାଯ୍ୟ କରିବି ।'' ସୋନା 'ହଁ' କରିଦେଲା । ବଗୁଲା ତାକୁ ସାହାଯ୍ୟ କରି ଟୋକେଇଟି ତା' ମୁଣ୍ଡ ଉପରକୁ ଟେକି ଦେଲା । ଟୋକେଇ ଉଠାଇ ସୋନା ଘରକୁ ଗଲା । ଘରେ ପହଞ୍ଚି ସେ ତା ମାଆକୁ ସବୁ କଥା କହିଲା ।

ମା' କହିଲା, ''ଏବେ ତୁ ଘରୁ ପଦାକୁ ଜମା ଯାଆନା । ବଗୁଲା ବାଟ ଜଗି ଜଗି ଚାଲିଯିବ ।'' ବାହାରେ ଠିଆ ହୋଇଥିବା ବଗୁଲା ଏକଥା ଶୁଣି ବିରକ୍ତ ହୋଇଗଲା । ସାଙ୍ଗେ ସାଙ୍ଗେ ସେ ନିଜର ଭାଇବନ୍ଧୁ ବଗୁଲାମାନଙ୍କୁ ଡାକି ଆଣିଲା । ସେ ସେମାନଙ୍କୁ ହୁକୁମ ଦେଲା ''ଏ ଗାଆଁର ପୋଖରୀରୁ ସବୁତକ ପାଣି ପିଇଦିଅ ।'' ସବୁ ବଗମାନେ ପାଣି ପିଇବାରେ ଲାଗିଲେ । ଦେଖୁ ଦେଖୁ ପୋଖରୀ ଶୁଖିଗଲା । ଯେତେବେଳେ ସୋନାର ବାପା ନିଜ ଗାଈକୁ ପାଣି ପିଆଇବାକୁ ପୋଖରୀକୁ ଆସିଲେ ତ କ'ଣ ଦେଖିଲେ ? ପୋଖରୀରେ କେବଳ ଗୋଡ଼ି ହିଁ ଥିଲା । ସେ ପାଖରେ ଠିଆ ହୋଇଥିବା ବଗକୁ କହିଲେ–

**ପାଣି ଛାଡ଼ ବମ୍ ବମ୍ ବଗୁଲା**
**ମନ ଭାଙ୍ଗ ନାହିଁ ବାବୁ ବଗୁଲା**
**ଘୋଡ଼ାଶାଳରେ ତ ଶୋଷିଲା ଘୋଡ଼ା**
**ପାଣି ବିନା ଗାଈ ହେଲେଣି ହଡ଼ା**

ବଗୁଲା କହିଲା, ''ନିଜ ଗେହ୍ଲା ଝିଅ ସୋନାକୁ ମୋ ସାଙ୍ଗରେ ବାହା କରିବାକୁ ସତ୍ୟ କରିବୁ ତ ମୁଁ ପୁଣି ପୋଖରୀରେ ପାଣି ଭର୍ତ୍ତି କରିଦେବି । ସୋନାର ବାପା ଶପଥ କଲେ । ବଗୁଲା ସାଙ୍ଗେ ସାଙ୍ଗେ ତା' ଭାଇବନ୍ଧୁ ବଗମାନଙ୍କୁ ଡାକି ନୂଆ ଆଦେଶ ଦେଲା, ''ନଈରୁ ପାଣି ଆଣି ପୋଖରୀ ଭର୍ତ୍ତି କରି ଦିଅ ।'' ବଗମାନେ ସାଙ୍ଗେ ସାଙ୍ଗେ କାମ ଆରମ୍ଭ କରିଦେଲେ । ସେମାନେ ଥଣ୍ଟରେ ପାଣି ଭର୍ତ୍ତି କରି ଆଣନ୍ତି ଓ ପୋଖରୀରେ ତାକୁ ଭର୍ତ୍ତି କରି ପୁଣି ନଈ ଦିଗକୁ ଫେରିଯାଆନ୍ତି । ଦେଖୁ ଦେଖୁ ପୋଖରୀରେ ପାଣି ଭର୍ତ୍ତି ହୋଇଗଲା । ଶେଷରେ ସୋନାର ବାହାଘର ବି ବଗୁଲା ସହିତ ହୋଇଗଲା । ସୋନାକୁ ପିଠିରେ ବସାଇ ବଗୁଲା ନିଜ ଘରକୁ ନେଇଆସିଲା । ଦି'ଜଣ ସାଙ୍ଗ ହୋଇ ରହିଲେ । ବଗୁଲା ଯେତେବେଳେ ଦାନା ଖୁଣ୍ଟିବାକୁ ଯାଉଥିଲା ସେତେବେଳେ ସୋନା ପାଇଁ

କିଛି ଫଳ ନେଇ ଆସୁଥିଲା । ଏମିତି ବର୍ଷେ ବିତିଗଲା । ସୋନା ମଧ୍ୟ ଗୋଟିଏ ପୁଅର ମାଆ ହୋଇଗଲା । ସେ ଖୁବ୍ ଖୁସି ହେଲା ।

ଦିନେ ସୋନାର ବାପା ଭାବିଲେ 'ମୋ ଝିଅ ଖୁସିରେ ଅଛି କି ନାହିଁ କାହାକୁ ପଠାଇ ବୁଝିବାକୁ ହେବ । ସୋନାର ଭାଇ ସୋନା ଘରକୁ ଯିବାକୁ ରାଜି ହେଲା । ଦୁଇ ଦିନର ଲମ୍ବା ରାସ୍ତା ପରେ ସେ ଭଉଣୀ ଘରେ ପହଞ୍ଚିଲା । ଭାଇଭଉଣୀ ଅନେକ ଦିନ ପରେ ପରସ୍ପରକୁ ଭେଟିଲେ । ଉଭୟ ଖୁବ୍ ଖୁସି ଥିଲେ । ସୁଖଦୁଃଖର କଥା ଗପିଲେ । କଥା ଏତେ ବେଶି ଥିଲା ଯେ ଜମା ସରୁ ନ ଥିଲା । ବଗୁଲା ଫେରିବାର ସମୟ ହୋଇଗଲା । ସୋନା କହିଲା, "ଭାଇ, ତୁମେ ଏଇ ପିମ୍ପା ପଛରେ ଲୁଚିଯାଅ । ବଗୁଲା ଭାରି ସିଆଣିଆ ଆଉ ବଦ୍‌ରାଗୀ । ତୁମକୁ ଦେଖିବ ତ ଥଣ୍ଟରେ ମାରି ମାରି ତୁମ ଅବସ୍ଥା ଖରାପ କରିଦେବ ।"

ସାଙ୍ଗେ ସାଙ୍ଗେ ତା ଭାଇ ପିମ୍ପା ପଛପଟେ ଛପିଗଲା । ସୋନା ଦୁଇଟି କୁକୁରଛୁଆ ପାଳିଥିଲା । ତା' ଭିତରୁ ଗୋଟିକୁ ସେ ଚକିତଳେ ଓ ଅନ୍ୟଟିକୁ ମାଠିଆରେ ଲୁଚାଇ ଦେଲା । କିଛି ସମୟ ପରେ ବଗୁଲା ଆସି ଡାକିଲା, "କବାଟ ଖୋଲ ଲଲ୍ଲୁର ମାଆ ।" ସୋନା ନୀରବ ରହିଲା । କିନ୍ତୁ ତା' ପୁଅ ବା କେମିତି ଚୁପ୍ ରହିପାରନ୍ତା ? ସେ କହିଉଠିଲା-

**ବାପା ବାପା ମୋ ବଗୁଲା ବାପା,**<br>**ମାମୁ ଛପିଛନ୍ତି ପିମ୍ପାରେ**<br>**ଛୋଟ କୁକୁରଟି ଚକି ତଳେ**<br>**ଆଉ ବଡ଼ଟି ଛପିଛି ମାଠିଆରେ ।**

ବାହାରେ ଠିଆ ହୋଇଥିବା ବଗୁଲା କହିଲା "ସୋନା, ଏ ପୁଅ କ'ଣ କହୁଛି ?" ସୋନା କହିଲା, "ସେ ବାଇଆଟା କ'ଣ ବଡ଼ବଡ଼ କରୁଛି ।" ପୁଅ ପୁଣି ଥରେ କହିଲା-

**ବାପା ବାପା ମୋ ବଗୁଲା ବାପା,**<br>**ମାମୁ ଛପିଛନ୍ତି ପିମ୍ପାରେ**<br>**ଛୋଟ କୁକୁରଟି ଚକି ତଳେ**<br>**ଆଉ ବଡ଼ଟି ଛପିଛି ମାଠିଆରେ ।**

ବଗୁଲା ବୁଝିଗଲା, ନିଶ୍ଚେ ଯା ଭିତରେ କିଛି ରହସ୍ୟ ଅଛି । ସେ ପାଟିକଲା, "କବାଟ ଖୋଲ । ନ ହେଲେ ଭାଙ୍ଗିଦେବି, ସମସ୍ତଙ୍କ ମୁଣ୍ଡ ଫଟାଇ ଦେବି ।" ତା'ପରେ ବି ସୋନା କବାଟ ଖୋଲିଲାନି ବରଂ ବାରିପଟ ଦରଜା ଖୋଲି ନିଜ ଭାଇ, ପୁଅ ଓ ଦୁଇ କୁକୁରଛୁଆଙ୍କୁ ଧରି ବାପଘରକୁ ଚାଲିଗଲା । ଯେତେବେଳେ ବଗୁଲା କବାଟ ଭାଙ୍ଗି ଭିତରେ ପଶିଲା, ଦେଖିଲା ସେଠାରେ କେହି ନ ଥିଲେ । ଏକଥା ଦେଖି ସେ ମୁଣ୍ଡ ପିଟିଦେଲା ।



# ଆଖି ଦେଖା

ଗୋଟିଏ ଗାଁରେ ବୀରଚାନ୍ଦ ନାମକ ବଣିଆଟିଏ ରହୁଥିଲା । ସେ ଦୋକାନ ସଉଦା ବିକି ଚଳୁଥିଲା । ଗାଁରେ ରହୁଥିବା କାଠିଆ ଓ କୋଲିଆ ଗୋଷ୍ଠୀ ଭିତରେ ପୁରୁଷାନୁକ୍ରମେ ଶତ୍ରୁତା ଥିଲା । ଦିନେ କାଠିଆମାନଙ୍କର ଚାଲି ବଦଳିଗଲା ଓ କୋଲିଆମାନଙ୍କର ବ୍ୟବହାର । ଛକ ଉପରେ ଖଣ୍ଡା ଧରି ସେମାନେ ପରସ୍ପର ଉପରକୁ କୁଦି ପଡ଼ିଲେ । ଫଳରେ ଦୁଇଜଣ କୋଲି ଜଖମ ହେଲେ ଓ ଜଣେ କାଠିର ମୁଣ୍ଡ କଟିଗଲା । ରକ୍ତର ଫୁଆରା ଉଠିଲା । ଏକଥା ଦେଖି ବଣିଆ ଛାନିଆ ହୋଇପଡ଼ିଲା । ନିଜ ଦୋକାନ ବନ୍ଦ କରି କବାଟ କୋଣରୁ ସେ ସବୁ ଦେଖୁଥିଲା । ଶୁଖିଲା ପତ୍ର ପରି ସେ ଥରୁଥିଲା, ଲୋକେ ପାଟି କରୁଥିଲେ "ଧାଇଁ ପଳାଅ, କାଠି ମରିଗଲା ।" କେଉଁଠୁ ପୁଲିସବାଲା ଧାଇଁଆସିଲେ । ଗାଁର ମୁଖିଆ ଓ ପଟୁଆରୀ ମଧ୍ୟ ଆସି ପହଞ୍ଚିଲେ । ସମସ୍ତେ ମୃତ କାଠିର ଶବ ଦେଖି ଗୋଟିଏ କଥା ହିଁ କହିଲେ "ତାକୁ ରଘୁ କୋଲି ହିଁ ମାରିଛି । ଏମିତି କୌଶଳରେ ସେ ହିଁ ମୁଣ୍ଡ କାଟି ଦେଇପାରେ ।" କିନ୍ତୁ କୋର୍ଟ କଚେରି କରିବା ପାଇଁ ତ ସାକ୍ଷୀ ଦରକାର । କିଏ ଜଣେ କହିଲା- "ବୀରଚାନ୍ଦ ଶେଠ ନିଜ ଦୋକାନରେ ଥିଲେ । ସେ ହିଁ ଆଖି ଦେଖା ସାକ୍ଷୀ ହୋଇପାରିବେ ।"

ପରଦିନ ବଣିଆକୁ ଥାନାରୁ ଡକରା



ଆସିଲା । 'କହ ବଣିଆ'– ଥାନାବାବୁ ପଚାରିଲେ । 'ତୁ କ'ଣ ଜାଣିଛୁ ?' ବଣିଆ ହାତଯୋଡ଼ି କହିଲା, "ସରକାର, ମୁଁ ତ କିଛି ବି ଜାଣିନି । ମୁଁ ତ ମୋ ଦୋକାନରେ ବସି ହିସାବ ଲେଖୁଥିଲି । ମୋତେ କି ଜଣା ଛକ ଉପରେ କ'ଣ ହେଉଛି ?" ଥାନାବାବୁ ବିରକ୍ତ ହେଲେ । "ଦି' ପାହାର ଦେବି ଯେ ସବୁ ଜଣାପଡ଼ିଯିବ । ମନେରଖିବୁ, ଆସନ୍ତାକାଲି ତତେ ସାକ୍ଷୀ ଦେବାକୁ ପଡ଼ିବ । ଯଦି ସତ ସତ କଥା ନ କହିବୁ ତ..."

ବଣିଆ ଦେହରୁ ଝାଳ ବୋହିଗଲା । ରାତି ହୋଇ ଯାଇଥିଲା କିନ୍ତୁ ତାକୁ ନିଦ ଆସୁ ନ ଥିଲା । ସେ ଭାବୁଥିଲା ଏପଟୁ କହିବି ତ କୋଲିମାନଙ୍କର ଶତ୍ରୁ ହୋଇଯିବି, ସେପଟୁ କହିବି ତ କାଠିମାନଙ୍କର ବି ଶତ୍ରୁ ହୋଇଯିବି । ମୋ ଲାଗି ଉଭୟ ପଟରୁ ବିପଦ । କିଛି ଉପାୟ ଖୋଜିବା ଦରକାର ।

ସକାଳ ହେବା ଆଗରୁ ବଣିଆ ଗୋଟିଏ ଉପାୟ ପାଞ୍ଚିଲା । ସେ ମୁଣ୍ଡରେ ପଗଡ଼ି ବାନ୍ଧି ଚାଲିଲା । ରାସ୍ତାରେ ଗୋଟିଏ କାଠିର ଘର ଦିଶିଲା । ସେ ତାଙ୍କ ଦାଣ୍ଡକବାଟ ଜଞ୍ଜିର ଖଡ଼ଖଡ଼ କଲା । କାଠି କବାଟ ଖୋଲି ପଚାରିଲା, "କଥା କ'ଣ ବୀରଚାନ୍ଦ, ସକାଳୁ ସକାଳୁ କେମିତି ଚାଲିଆସିଲ ?"

"ଆପଣଙ୍କୁ ଅଭିନନ୍ଦନ ଜଣାଇବାକୁ !" ବଣିଆ କହିଲା ଗାଁର ସବୁ କୋଲି ନରମିଗଲେଣି । କହୁଛନ୍ତି କି ଭୁଲ୍‌ରେ ସେମାନଙ୍କ ହାତରେ ଗୋଟେ ହତ୍ୟା ହୋଇଗଲା । ସେମାନଙ୍କ ଭାଗ୍ୟ ଖରାପ ପଡ଼ିଲା । ବଣିଆ କଥା ଶୁଣି କାଠି ଖୁସି ହୋଇଗଲା । ସାଙ୍ଗେ ସାଙ୍ଗେ ଶହେ ଟଙ୍କାର ନୂଆ ନୋଟ୍ ବାହାର କରି ବଣିଆକୁ ବକ୍‌ସିସ୍ ଦେଲା, କାହିଁକି ନା ଆସନ୍ତାକାଲି ଅଦାଲତରେ ସେ କାଠିମାନଙ୍କ ସପକ୍ଷରେ ହିଁ କହିବ ।

ଏବେ ବଣିଆ ଯାଇ କୋଲି ଘରେ ପହଞ୍ଚିଲା । କୋଲି ତାକୁ ଦେଖି କହିଲା, "କଥା କ'ଣ ବୀରଚାନ୍ଦ, ଆଜି ସକାଳୁ ସକାଳୁ ରାସ୍ତା ଭୁଲିଯାଇନ ତ ?"

"ରାସ୍ତା ତ କାଠିମାନେ ଭୁଲିଯାଇଛନ୍ତି ।" ବଣିଆ କହିଲା, ଆପଣମାନେ ତ ତାଙ୍କୁ ଏମିତି ବୁଦ୍ଧି ଶିଖାଇଛନ୍ତି ଯେ ସେମାନେ ସାରା ଜୀବନ ଭୁଲିପାରିବେ ନାହିଁ । ସାରା ଗାଁ' କୋଲିଙ୍କ ମର୍ଦ୍ଦପଣିଆ ପାଇଁ ଗର୍ବ କରୁଛି । ଏକଥା ଶୁଣି କୋଲି ଖୁସି ହୋଇଗଲା । ସେ ଦୁଇଟି ଶହେଟଙ୍କିଆ ନୋଟ୍ କାଢ଼ି ବଣିଆକୁ ବକ୍‌ସିସ୍ ଦେଲା, କାରଣ ପରଦିନ ଅଦାଲତରେ ସେ ତାଙ୍କ ପକ୍ଷରେ ହିଁ

ବୟାନ ଦେବ । ଦୁଇଟି ନୋଟ୍ ପକେଟରେ ରଖି ବଣିଆ ମନକୁ ମନ କହିଲା... ଆଜି କାଠି ଓ କୋଳି ଦି'ଜଣଙ୍କୁ ଓଲୁ ବନେଇଲି । କାଲି ଅଦାଲତକୁ ବି ଠକିବାକୁ ପଡ଼ିବ ।

ଦ୍ୱିତୀୟ ଦିନ ମକଦ୍ଦମା ଆରମ୍ଭ ହେଲା । ନ୍ୟାୟାଧୀଶ କହିଲେ, "ବୀରଚାନ୍ଦ, ଶପଥ କର ।" ବଣିଆ କହିଲା "ଯାହା କହିବି ସତ କହିବି । ସତ ଛଡ଼ା କିଛି ବି କହିବିନି ।" ନ୍ୟାୟାଧୀଶ କହିଲେ, "ଏବେ କହ, ହତ୍ୟା କେମିତି ହେଲା ଓ କିଏ କଲା ?"

ବଣିଆ କହିଲା- "ସରକାର, ଏପାଖରେ କାଠିମାନେ ହସିଲେ । ସେପାଖରେ କୋଳି ସିଂହ ଗର୍ଜିଲେ ।"

"ପୁଣି କ'ଣ ହେଲା ?"

"ସେଇଆ, ଯାହା ହେବାର ଥିଲା ।"

"ସେଇଆ ମାନେ କ'ଣ ?"

"ଇଆଡ଼େ କାଠିମାନେ କୁହାଟ ଛାଡ଼ିଲେ । ସେଆଡ଼େ କୋଳି ସିଂହ ଗର୍ଜନ କଲେ ।"

"କିନ୍ତୁ ପୁଣି ହେଲା କ'ଣ ?"

"ପୁଣି ତ ଖଣ୍ଡା ଶବ୍ଦ ହେଲା ଓ ମୋ ଆଖିରୁ ଜୁଳୁଜୁଳିଆ ପୋକ ବାହାରିଗଲା, ମୁଁ ବେହୋସ ହୋଇଗଲି ।" ଏ କଥା କହି ବଣିଆ ଅଦାଲତରେ ଧଡ଼ାସ କରି ପଡ଼ିଗଲା । ପୁଣି କାଠଗଡ଼ାରେ ଶୋଇ ଶୋଇ କହିଲା "ଏମିତି ପଡ଼ିଥିଲି ମୁଁ, କାରଣ ବଣିଆମାନେ ଲଢୁଆ ନୁହନ୍ତି ଅହିଂସକ । ସେମାନେ ରକ୍ତ ଦେଖିପାରନ୍ତିନି ।" ବଣିଆ ପୁଣି ଠିଆ ହୋଇ କହିଲା "ଯେମିତି ଖଣ୍ଡା ସହିତ ଖଣ୍ଡା ପିଟି ହେଲା ମୋର ମୁଣ୍ଡ ବୁଲାଇଦେଲା । ଦିନରେ ତାରା ଦିଶିଲେ । ମୁଁ ବେହୋସ ହୋଇଗଲି । ମୋ ଆଖି ସେତେବେଳେ ଖୋଲିଲା ଯେତେବେଳେ ପୋଲିସ ମୋତେ ହଲେଇ ହଲେଇ ଉଠାଇଲା ।"

ନ୍ୟାୟାଧୀଶ କହିଲେ "ବୀରଚାନ୍ଦ, ତୁମେ ପୁଣିଥରେ କହିଥିବା କଥା ଦୋହରାଇପାରିବ କି ?"

ବଣିଆ କହିଲା-

ଏପାଖରୁ କାଠିମାନେ ହୁଂକାର ଦେଲେ
ସେପାଖରୁ କୋଲି ସିଂହ ଚିତ୍କାର କଲେ
ଖଣ୍ଡା ସହ ଖଣ୍ଡା ପିଟି ହେଲା
ମୋ ଆଖିରୁ ତାରା ଖସିଗଲା ।

ନ୍ୟାୟାଧୀଶଙ୍କୁ ବଣିଆର ମିଛ ସତ ଭଳି ଲାଗିଲା । ତେଣୁ ସେ ତାକୁ ବିଦା କରିଦେଲେ । କେହି ଆଖିଦେଖା ସାକ୍ଷୀ ନ ଥିଲେ । ମକଦ୍ଦମା ଖାରଜ ହୋଇଗଲା ।



# ଚିତା ଗଲା ଶ୍ୱଶୁର ଘର

ଗୋଟିଏ କୁକୁର ଓ ଗୋଟିଏ ଚିତାବାଘ ଥିଲେ । ଦୁଇଜଣଙ୍କ ଭିତରେ ଭଲ ବନ୍ଧୁତ୍ୱ ଥିଲା । କୁକୁରର ନିଜର ଘର ନ ଥିଲା । ତେଣୁ ସେ ଚିତା ଘରେ ରହୁଥିଲା । ସେଥିପାଇଁ ଚିତା ତା'ଠାରୁ ଚାକର ଭଳି କାମ ମଧ୍ୟ ନେଉଥିଲା । ଥରେ ବର୍ଷାଋତୁରେ ଚିତା କହିଲା, "କୁକୁରଭାଇ, ଆସ ଆମେ 'ବାଂବିୟା' ଦେଖିବାକୁ ଯିବା ।" କୁକୁର ପଚାରିଲା- 'ଏ ବାମ୍ବି କ'ଣ ?' ଚିତା କହିଲା, "ବାମ୍ବି ମାନେ ପିମ୍ପୁଡ଼ିମଳା, ଟିକେ ଦେଖିବା ତ । ସେଠାରେ ଏଥର କେତେ ପିମ୍ପୁଡ଼ି ଅଛନ୍ତି ।"



ଦୁହେଁ ଜଙ୍ଗଲକୁ ଗଲେ । ଦେଖିଲେ ବାଂବିରେ ଅଗଣିତ ପିମ୍ପୁଡ଼ିଙ୍କ ମେଳା ଲାଗିଛି । ଦିହେଁ ଆଂଜୁଳାରେ ଭର୍ତ୍ତି କରି ପିମ୍ପୁଡ଼ି ଘରକୁ ଆଣିଲେ । ଚିତାର ସ୍ତ୍ରୀ ପିମ୍ପୁଡ଼ିରେ ବଢ଼ିଆ ଲଡ୍ଡୁ ତିଆରି କଲା ଓ ସମସ୍ତେ ପେଟ ପୂରାଇ ଆନନ୍ଦରେ ଖାଇଲେ । ପୁଣି ବି କିଛି ଲଡ୍ଡୁ ବଳିଥିଲା । ଚିତା କହିଲା, "କୁକୁରଭାଇ, ଏ ଲଡ୍ଡୁକୁ ମୋ ଶ୍ୱଶୁରଘରକୁ ନେବାକୁ ପଡ଼ିବ । ତୁମେ ତାକୁ ଗୋଟେ ପୋଟଳିରେ ବାନ୍ଧି ଦିଅ ।" କୁକୁର ଶୀଘ୍ର ପୋଟଳି ବାନ୍ଧି ଦେଲା । ଚିତା ବଢ଼ିଆ ପୋଷାକ ପିନ୍ଧିଲା । ହାତରେ ସାରଙ୍ଗୀ ଧରିଲା । ପୁଣି ଥରେ କୁକୁରକୁ କହିଲା, "ଭାଇ ତୁ ଏ ପୋଟଳି ନିଜ ମୁଣ୍ଡରେ ଉଠାଇ ଧର ।" ଆଜ୍ଞାପାଳକ କୁକୁର ତୁରନ୍ତ ଏ ଆଜ୍ଞା ପାଳନ କଲା ।

ଏବେ ଚିତା ଗୀତ ଗାଇ ବାଜା ବଜାଇ ଶ୍ୱଶୁରଘରକୁ ଗଲା । ପୋଟଳି ମୁଣ୍ଡାଇ କୁକୁର ପଛେ ପଛେ ଗଲା । ରାସ୍ତାରେ ଯେ ବି ଦେଖା ହେଲେ ପଚାରିଲେ । "ଚିତାକକା, ଚିତାକକା କୁଆଡ଼େ ଯାଉଛ ?" ଚିତା କହେ ଶ୍ୱଶୁର ଘର । କିଏ କହେ 'ଚିତାକକା, ଚିତାକକା ଟିକେ ସାରଙ୍ଗୀ ଶୁଣାଇଲ ?' ସେତେବେଳେ ଚିତା ସାରଙ୍ଗୀ ବଜାଇ ଗୀତ ବି ଗାଉଥିଲା ।

**କୁକୁର ଭାଇ ଖାଉଛି କଦୁ**
**ମୁଣ୍ଡ ଉପରେ ଦଶଟି ଲଡ୍ଡୁ**
**ଲଡ୍ଡୁ ଖାଇବେ ଶ୍ୱଶୁରଜୀ**
**ଶାଶୂ ବଜାଇବେ ଢୋଲକି**

ଚିତା ଏତେ ଆନନ୍ଦରେ ଗୀତ ଗାଉଥିବା ଶୁଣି କୁକୁର ମନେ ମନେ ରାଗୁଥିଲା, ତା'ପରେ ବି ସେ ମନକଥା ମନରେ ରଖି ମଧୁର ସ୍ୱରରେ ଚିତାକୁ କହିଲା, "ଆପଣ ଆଗରେ ଚାଲନ୍ତୁ । ମୁଁ ଟିକେ ଆସୁଛି ।" ଚିତା ଆଗକୁ ଚାଲିଲା । ଏବେ କୁକୁର ପୋଟଳି ଖୋଲିଲା । ସବୁତକ ଲଡ୍ଡୁ ନିଜେ ଖାଇଦେଲା । ପୁଣି ଅଳିଆ ଭର୍ତ୍ତି କରି ପୋଟଳି ତିଆରି କଲା ଓ ଚିତା ପଛରେ ଚାଲିଲା ।

କିଛି ଦୂର ସାଙ୍ଗରେ ଚାଲିବା ପରେ କୁକୁର କହିଲା "ଚିତାକକା, ଚିତାକକା ମତେ ଆପଣ ଟିକେ ସାରଙ୍ଗୀଟା ଦିଅନ୍ତେ ଯଦି ମୁଁ ବି ଗୋଟେ ସୁନ୍ଦର ଗୀତ ଶୁଣାଇପାରନ୍ତି ।" ଚିତା ଭାବିଲା- "ହଉ ଏବେ କିଛି ସମୟ ଭୁକି ଦେଉ, କ'ଣ ଅସୁବିଧା ହେଉଛି ?" ସେ ସାରଙ୍ଗୀ କୁକୁରକୁ ଦେଇ

ଦେଲା । କୁକୁର ଆରମ୍ଭ କଲା-



**କ. କ. କ. କଚରା ଆଣିଛି ମୁହିଁ**

**ଶ. ଶ. ଶ. ଶଶୁରଜୀଙ୍କ ପାଇଁ**

**କ. କ. କ. କରକଟ ବି ଅଛି ରହି**

**ଶ. ଶ. ଶ. ଶାଶୂଜୀଙ୍କ ପାଇଁ**

ଚିତା କହିଲା, "ବାଃରେ କୁକୁରବାବୁ । ତୁମ ଗୀତ ତ ତୁମ ଶାଶୂ ଶ୍ୱଶୁରଙ୍କ ପାଇଁ । କୁକୁର ନମ୍ରତାର ସହିତ କହିଲା ଚିତାକକା, ଚିତାକକା, ଏ ତ ଆପଣଙ୍କ କୃପା । ନ ହେଲେ ମୁଁ ତ ଖାଲି ଭୁକିବା ହିଁ ଜାଣିଥିଲି । ମୁଁ ତ ଏସବୁ ଆପଣଙ୍କଠାରୁ ଶିଖିଛି ।"

ଚିତା ଗୀତ ଗାଇ ବାଜା ବଜାଇ ବଜାଇ ଶ୍ୱଶୁରଘରେ ପହଞ୍ଚିଲା । ସେ ତ ଜୋଇଁ । ଖୁବ୍ ଜାକଜମକରେ ତାକୁ ସ୍ୱାଗତ କରାଗଲା । କୁକୁରକୁ ଅବା କିଏ ପଚାରନ୍ତା ? ଶ୍ୱଶୁରଜୀ ଖୁବ୍ ଆଦରରେ ଜୋଇଁଙ୍କୁ ହୁକ୍କା ଦେଲେ ମାତ୍ର କୁକୁରକୁ ଟୋପାଏ ପାଣି ବି ଦେଲେନି । ଚିତା ହୁକା ଘୁଡୁଘୁଡୁ କରିବାକୁ ଆରମ୍ଭ କଲା ।





କୁକୁରକୁ ଖରାପ ଲାଗିବାରୁ ସେ ଉଠି ଚାଲିଗଲା ।

ହୁକା ଗୁଡୁଗୁଡୁ କରି ଚିତା ହସି ହସି କହିଲା ''ଆପଣମାନଙ୍କ ପାଇଁ ଲଡୁ ଆଣିଛି । ଚାଖିବେ ତ ସାରା ଜୀବନ ମନେ ରଖିବେ । ଏକଥା ଶୁଣି ଶ୍ୱଶୁରଜୀଙ୍କ ମୁହଁରୁ ଲାଳ ବୋହିଲା । ଶାଶୂମା' ଖୁସି ହୋଇ ପୋଟଳି ଖୋଲିଲେ, ଦେଖିଲେ ଯେ ଲଡୁ ନାହିଁ । ତା ଜାଗାରେ ଅଳିଆ ଅଛି । ଚିତା ରାଗି ନିଆଁ ହୋଇଗଲା । ସେ କୁକୁରକୁ ଖୋଜିଲା । କିନ୍ତୁ କୁକୁର କେତେବେଳୁ ସେଠାରୁ ଖସି ଯାଇଥିଲା । ଚିତା ନିଜ ଶ୍ୱଶୁରଙ୍କୁ କହିଲା, "କ'ଣ ଆପଣ ବତାଇପାରିବେ କି କୁକୁରକୁ କେମିତି ଖୋଜିବାକୁ ହୁଏ ।" ଶ୍ୱଶୁରଜୀ ସୁବିଧା ଉପାୟ ବତାଇ ଦେଲେ । "ଏବେ ନବରାତ୍ରି ଚାଲୁଛି । ଦାଣ୍ଡିଆର ଆୟୋଜନ କର । ସେ ନିଶ୍ଚେ ଦେଖିବାକୁ ଆସିବ ।" ଚିତା ନାଚିବାର ଉତ୍ସବ ଜମେଇ ଦେଲା । ତାକୁ ଦେଖିବାକୁ ଦୂର ଗାଁରୁ ଗାଈ, ଛେଳି, ମଇଁଷି, ଗଧ, ଘୋଡ଼ା ସବୁ ଜନ୍ତୁ ଆସିଲେ କିନ୍ତୁ କୁକୁର ଆସିଲାନି । ସେ ଜାଣିଥିଲା ଯେ ଯଦି ସେ ଦାଣ୍ଡିଆ ଦେଖିବାକୁ ଯିବ ଆଉ ଚିତା ତାକୁ ଦେଖି ଦେବ ତ କଞ୍ଚା ଚୋବାଇ ଯିବ ।

ଦ୍ୱିତୀୟ ଦିନ ଗୋଟେ ମେଣ୍ଢା କୁକୁର ଆଗରେ ନାଚର ଏତେ ପ୍ରଶଂସା କଲା ଯେ କୁକୁର ମନରେ ଲାଳସା ହେଲା । କିନ୍ତୁ ସେ କେମିତି ଯାଇଥାଆନ୍ତା ? ସେ ନିଜ ସମସ୍ୟା ମେଣ୍ଢା ଆଗରେ ପ୍ରକାଶ କଲା । ମେଣ୍ଢା କହିଲା, "ଚିନ୍ତାର କୌଣସି କାରଣ ନାହିଁ । ମୁଁ ନିଜ ପୁଛରେ ତୋତେ ଲୁଚାଇ ନେଇଯିବି । ଚିତାର ଏତେ ସାହସ ତତେ ଦେଖିଦେବ ?" ତୃତୀୟ ଦିନ ପୁଣି ଢୋଲ ବାଜିବା ଓ ନାଚିବା ଗାଇବା ଆରମ୍ଭ ହେଲା । ମେଣ୍ଢାର ଚଉଡ଼ା ଲାଞ୍ଜରେ ଲୁଚି କୁକୁର ନାଚ ଦେଖିବାକୁ ଆସି ପହଞ୍ଚିଲା । ଚିତାର ସନ୍ଧାନୀ ନଜର ଚାରି ଦିଗରେ ବୁଲୁଥିଲା କିନ୍ତୁ ସେ କୁକୁରକୁ ଦେଖିପାରିଲାନି । ଚତୁର୍ଥ, ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଦିନ ମଧ୍ୟ କୁକୁର ଦାଣ୍ଡିଆ ଦେଖିଲା ଓ ସୁବିଧାରେ ଫେରିଆସିଲା ।

ଆଉ ଗୋଟିଏ ଦିନ ବାକି ଥିଲା । ନବମ ଦିନ । ସେହି ଶେଷ ଦିନ ମେଣ୍ଢା ଲାଞ୍ଜ ତଳେ ଛପି କୁକୁର ପୁଣି ଆସି ପହଞ୍ଚିଲା । ଢୋଲ, ଗିନି ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ଜୋରରେ ବାଜିବାରେ ଲାଗିଲା । ନାଚ ମଧ୍ୟ ଜୋର୍‌ରେ ଆରମ୍ଭ ହେଲା । ସବୁ ଜନ୍ତୁ ପୁଚ୍ଛ ହଲାଇ ଝୁଲିବାକୁ ଆରମ୍ଭ

କଲେ । ମେଣ୍ଢା ପୁଚ୍ଛତଳେ କୁକୁର ଲୁଚିଥିଲା । ତା' ପାଇଁ ନାଚିବା ସମ୍ଭବ ନ ଥିଲା କିନ୍ତୁ ତା'ର ନାଚର ନିଶା ଏତେ ବଢ଼ିଗଲା ଓ ବାଜା ବି ଏମିତି ତାଳରେ ବାଜୁଥିଲା ଯେ ସେ ଆଉ ଥୟ ଧରି ରହିପାରିଲାନି । ସେ ନିଜ ଲାଞ୍ଜ ହଲେଇ ନାଚିବାରେ ଲାଗିଲା । କୁକୁର ଆଉ କୌଣସିମତେ ଲୁଚି ରହିପାରିଲାନି । ସେ ଭାବିଲା ହୁଣ୍ଡା ବନ୍ଧୁ ତ ବିପଦରେ ଜୀବନ ରଖେ । ସେ ସାଙ୍ଗେ ସାଙ୍ଗେ ଦଉଡ଼ିଲା ଓ ଗୋଟିଏ ଲାଠିଆଳ କଡ଼ରେ ଲୁଚିଗଲା । ଚିତାଠାରୁ ଏକଥା ଲୁଚି ରହିପାରିଲାନି । ସେ କୁଦିପଡ଼ି ସବା ଆଗ ମେଣ୍ଢାକୁ ମାରିଦେଲା । ପୁଣି ଲାଠିବାଲା ଆଡ଼କୁ ଧାଇଁଲା । ଲାଠିବାଲା ତା' ଲାଠି ଉଠାଇଲା । ଚିତା ଥମିଗଲା । ପୁଣି ଦୂରରୁ କୁକୁରକୁ କହିଲା, "କୁକୁରବାବୁ, ଆଜି ତ ତୁ ବଞ୍ଚିଗଲୁ । କିନ୍ତୁ ପୁଣି କେବେ ଦେଖା ହେବ ତ ମାରି ମାରି ତତେ ସାବାଡ଼ କରିଦେବି ।"


ସେ ଦିନଠାରୁ କୁକୁର ଓ ଚିତାବାଘ ମଧ୍ୟରେ ଶତ୍ରୁତା ଚାଲିଆସିଛି । ଆଜିବି କୁକୁର ଚିତାକୁ ଦୂରରୁ ଦେଖି ଦଉଡ଼ିବା ଆରମ୍ଭ କରିଦିଏ । ଏତିକି ନୁହେଁ, କୁକୁର ସେହି ଦିନଠାରୁ ଜଙ୍ଗଲରେ ରହିବା ମଧ୍ୟ ଛାଡ଼ି ଦେଇଛି । ସେ ଏବେ ମଣିଷମାନଙ୍କ ସ୍ନେହ ଶ୍ରଦ୍ଧାକୁ ବେଶି ପସନ୍ଦ କରୁଛି ।



# ଖଡ଼ବଡ଼ ଖଡ଼ବଡ଼ କିଛି ଖୋଳୁଛି

ଜଣେ ଗରିବ ବ୍ରାହ୍ମଣ ଥିଲା । ଦିନେ ତା' ସ୍ତ୍ରୀ ତାକୁ କହିଲା, "ଭଲ ହେବ ଯଦି ତୁମେ କିଛି ଗୋଟିଏ କାମ ଆରମ୍ଭ କରିବ । ତୁମେ ବୋଧେ ଜାଣିପାରୁନ ଆମ ପିଲାଙ୍କୁ ଦିନେ ଦିନେ ଭୋକରେ ଶୋଇବାକୁ ପଡୁଛି ।" ବ୍ରାହ୍ମଣ କହିଲା "ମତେ ତ କିଛି ବି ଆସେନି । ତୁମେ କିଛି ବାଟ ଦେଖାଅ ।" ତା' ସ୍ତ୍ରୀ ଟିକେ ପାଠଶାଠ ପଢ଼ିଥିଲା । ସେ କହିଲା, "ମୁଁ ତୁମକୁ ଗୋଟେ ଶ୍ଲୋକ ମୁଖସ୍ଥ କରାଇ ଦେଉଛି । ଏହା ତୁମେ ଯେକୌଣସି ରାଜାଙ୍କୁ ଶୁଣାଇବ ତ ତୁମକୁ କିଛି ନା କିଛି ପୁରସ୍କାର ମିଳିଯିବ । ଦେଖ ଶ୍ଲୋକଟି ଭୁଲିବ ନାହିଁ ।"

ବ୍ରାହ୍ମଣ ଶ୍ଲୋକ ମୁଖସ୍ଥ କରି କରି ବାହାରି ପଡ଼ିଲା । ରାସ୍ତାରେ ଗୋଟେ ନଦୀ ପଡ଼ିଲା । ଗାଧୋଇବାକୁ ଓ ଜଳଖିଆ ଖାଇବାକୁ ବ୍ରାହ୍ମଣ ସେଠାରେ ଟିକେ ଅଟକିଗଲା । ଗାଧୁଆପାଧୁଆ କରୁ କରୁ ସେ ଶ୍ଲୋକଟି ଭୁଲିଗଲା । ସେତେବେଳେ ସେ ଦେଖିଲା



ଗୋଟିଏ ବତକ ନଈ କୂଳରେ କ'ଣ ଖୋଳୁଛି । ଏ କଥା ଦେଖି ତା' ମନକୁ ଗୋଟିଏ ପାଦ ଗୀତ ଆସିଗଲା–

**ଖଡ଼ବଡ଼ ଖଡ଼ବଡ଼ କିଛି ଖୋଳୁଛିରେ**

ବ୍ରାହ୍ମଣର କଥା ଶୁଣି ବତକ ତା' ଲମ୍ବା ବେକ ଟେକି ତା' ଆଡ଼କୁ ଚାହିଁଲା । ବ୍ରାହ୍ମଣ ମନକୁ ଦ୍ୱିତୀୟ ପାଦ ଗୀତ ଆସିଗଲା–

**ବେକ ଲମ୍ବା କରି ଚାହିଁ ଦେଖୁଛିରେ**

ଦ୍ୱିତୀୟଥର ବ୍ରାହ୍ମଣର ପାଟି ଶୁଣି ବତକ ଡରିଯାଇ ଗୋଟେ ପଥର ପଛରେ ଲୁଚିଗଲା । ବ୍ରାହ୍ମଣ ମନକୁ ତୃତୀୟ ପାଦ ଗୀତ ଆସିଲା–

**ଡରି ଥରି ସେ ତ ଲୁଚି ବସୁଛିରେ**

ଏଥର ବ୍ରାହ୍ମଣ ପାଟି ଶୁଣି ବତକ ଜୋରରେ ଦଉଡ଼ିଲା ଓ ପାଣିକୁ ଡେଇଁ ପଡ଼ିଲା । ଏ ଦୃଶ୍ୟ ଦେଖି ବ୍ରାହ୍ମଣ ମନକୁ ଗୀତର ଚତୁର୍ଥ ପାଦ ଆସିଗଲା–

**ସେ ତ ଚଞ୍ଚଳ ଚଞ୍ଚଳ ଧାଉଁଛିରେ**

ବ୍ରାହ୍ମଣ ତା' ସ୍ତ୍ରୀ ଶିଖାଇଥିବା ଶ୍ଳୋକ ଭୁଲିଯାଇଥିଲା । କିନ୍ତୁ ଏବେ ତା' ପାଖରେ ନୂଆ ଶ୍ଳୋକ ପ୍ରସ୍ତୁତ ହୋଇଯାଇଥିଲା । ସେହି ନୂଆ ଶ୍ଳୋକକୁ ମୁଖସ୍ଥ କରି କରି ସେ ଆଗକୁ ଚାଲିଲା ।

**ଖଡ଼ବଡ଼ ଖଡ଼ବଡ଼ କିଛି ଖୋଳୁଛିରେ**
**ବେକ ଲମ୍ବା କରି ଚାହିଁ ଦେଖୁଛିରେ**
**ଡରି ଥରି ସେ ତ ଲୁଚି ବସୁଛିରେ**
**ସେ ତ ଚଞ୍ଚଳ ଚଞ୍ଚଳ ଧାଉଁଛିରେ ।**

ଚାଲି ଚାଲି ଯାଇ ସେ ଗୋଟେ ରାଜ୍ୟରେ ପହଞ୍ଚିଲା । ଠିକଣା ବୁଝାବୁଝି କରି ସେ ରାଜଦରବାରକୁ ଗଲା ଓ ସେଠାରେ ସମସ୍ତଙ୍କୁ ନିଜର ଶ୍ଳୋକ ଶୁଣାଇଲା । ଏ ବିଚିତ୍ର ଶ୍ଳୋକର ଅର୍ଥ ରାଜାଙ୍କୁ ବା ତାଙ୍କର ସଭାସଦ୍ ନବରତ୍ନ ପଣ୍ଡିତଙ୍କ ମୁଣ୍ଡକୁ କିଛି ଆସିଲାନି । ଜବାବ କେମିତି ଦେଇଥାଆନ୍ତେ ? ଶେଷରେ ରାଜା ବ୍ରାହ୍ମଣଙ୍କୁ କହିଲେ, ''ପଣ୍ଡିତଜୀ, ଦି' ଚାରିଦିନ ପରେ ଆପଣ

ପୁଣିଥରେ ଆସନ୍ତୁ । ଆମେ ଆପଣଙ୍କ ଶ୍ଳୋକର ଜବାବ ନିଶ୍ଚୟ ଦେବୁ । ସେତେ ଦିନ ଯାଏ ଆପଣ ରାଜଭବନରେ ଅତିଥି ହୋଇ ବିଶ୍ରାମ ନିଅନ୍ତୁ ।'' ବ୍ରାହ୍ମଣଙ୍କ ଶ୍ଳୋକ ରାଜା ନିଜ କୋଠରିର କାନ୍ଥରେ ଲେଖାଇ ଦେଲେ । ଏହାର ଜବାବ ଜାଣିବାକୁ ସେ ରାତି ରାତି ଅନିଦ୍ରା ରହୁଥିଲେ । ନୀରବରେ ଏକୁଟିଆ ବସି ଶ୍ଳୋକର ଗୋଟିଏ ଗୋଟିଏ ପାଦ ବୋଲୁଥିଲେ ଓ ସେ ସଂପର୍କରେ ଚିନ୍ତା କରୁଥିଲେ ।

ଦିନେ ରାତିରେ ଚାରିଜଣ ଚୋର ରାଜମହଲରେ ସିନ୍ଧି କାଟି ଚୋରି କରିବାକୁ ଆସିଲେ । ମହଲରେ ପହଞ୍ଚି ସେମାନେ କାନ୍ଥ ତାଡ଼ିବାକୁ ଆରମ୍ଭ କଲେ । ସେତେବେଳେ ରାତି ଠିକ୍ ବାରଟା ବାଜିଥିଲା । ରାଜା ଶ୍ଳୋକର ପ୍ରଥମ ଧାଡ଼ି କଥା ଚିନ୍ତା କରୁଥିଲେ । ସେ ପାଖରେ ଚୋରମାନେ କାନ୍ଥ ତାଡ଼ିବାରେ ଲାଗିଥିଲେ । ସେତେବେଳେ ରାଜାଙ୍କ ଶବ୍ଦ ତାଙ୍କ କାନରେ ବାଜିଲା

**ଖଡ଼ବଡ଼ ଖଡ଼ବଡ଼ କିଛି ଖୋଳୁଛିରେ**


ଚୋରମାନେ ଭାବିଲେ କି ରାଜା ବୋଧେ ଚେଇଁଥିବେ କାନ୍ଥ ଖୋଳିବାର ଶବ୍ଦ ବି ଶୁଣିଥିବେ ! ସେଥିପାଇଁ ଚାରିଜଣଙ୍କ ଭିତରୁ ଜଣେ ଚୋର ମହଲର ଝରକା ଉପରେ ଚଢ଼ିଲା ଓ ବେକ ଲମ୍ବା କରି ଦେଖିଲା ଯେ ରାଜାଙ୍କ ମନରେ ପ୍ରକୃତରେ କ'ଣ ଅଛି । ସେହି ସମୟରେ ରାଜା ଦ୍ୱିତୀୟ ଧାଡ଼ି ଦୋହରାଇଲେ


**ବେକ ଲମ୍ବା କରି ସେ ତ ଦେଖୁଛିରେ**

ଏକଥା ଶୁଣି ଚୋର ନିଶ୍ଚିତ ହୋଇଗଲା ଯେ ରାଜା ତାକୁ ଦେଖି ଦେଇଛନ୍ତି । ସେ ଚଟାପଟ ଝରକାରୁ କୁଦି ପଡ଼ି ନିଜ ସାଙ୍ଗମାନଙ୍କ ପାଖକୁ ଆସିଲା ଓ ସଲାସୁତରା କରିବାକୁ ବସିପଡ଼ିଲା । ସେତେବେଳେ ରାଜା ତୃତୀୟ ଧାଡ଼ି ବୋଲିଲେ,

**ଡରି ଥରି ସେ ତ ଲୁଚି ବସୁଛିରେ**

ଏ କଥା ଶୁଣି ଚୋରମାନଙ୍କର ହାଲୁକ ଶୁଖିଗଲା





ସେମାନେ ଭାବିଲେ ରାଜା ସବୁ ଜାଣି ସାରିଲେଣି ଓ ସେମାନଙ୍କୁ ମଧ୍ୟ ଦେଖୁଛନ୍ତି । ଏବେ ସେ ସମସ୍ତଙ୍କୁ ଗିରଫ କରି ଫାଶୀରେ ଝୁଲାଇ ଦେବେ । ଡରିଯାଇ ସମସ୍ତେ ଏକାସାଙ୍ଗରେ ଦଉଡ଼ିଲେ । ସେତେବେଳେ ରାଜା ଶ୍ଳୋକର ଚତୁର୍ଥ ଧାଡ଼ି ଗାଇଲେ-

**ଆଉ ଚଞ୍ଚଳ ଚଞ୍ଚଳ ସେ ତ ଧାଉଁଛିରେ**

ସେ ଚୋରମାନେ ପ୍ରକୃତରେ ରାଜାଙ୍କର ଚୌକିଦାର ହିଁ ଥିଲେ । ସେମାନଙ୍କର ବୁଦ୍ଧି ବିଗିଡ଼ି ଯାଇଥିଲା ଓ ସେମାନେ ରାଜମହଲରେ ଡକାୟତି କରିବାକୁ ଆସିଥିଲେ । ସେମାନେ ଏମିତି ଧାଇଁଲେ ଯେ ନିଜ ନିଜ ଘରେ ଯାଇ ଲୁଚିଗଲେ ।

ପରଦିନ ଦରବାର ଆରମ୍ଭ ହେଲା । ଦରବାରରେ ଚୌକିଦାରମାନଙ୍କ ବ୍ୟତୀତ ସମସ୍ତେ ଉପସ୍ଥିତ ଥିଲେ । ରାଜା ପଚାରିଲେ- "ଆଜି ପହରା ଦେବାବାଲା କାହିଁକି କେହି ଆସି ନାହାନ୍ତି ? ସମସ୍ତେ ଭଲରେ ଅଛନ୍ତି ତ ?"

ସାଙ୍ଗେ ସାଙ୍ଗେ ଘୋଡ଼ାରେ ଚଢ଼ି ଜଣେ ସିପାହି ଯାଇ ସେମାନଙ୍କୁ ଡାକି ଆଣିଲା । ରାଜା ପଚାରିଲେ "କୁହନ୍ତୁ, ଆପଣମାନେ ଆଜି କେଉଁ ଖୁସିରେ ଛୁଟି ନେଇଛନ୍ତି ?" ଚାରିଜଣଯାକ ମୁଣ୍ଡରୁ ଗୋଡ଼ଯାଏ ଥରିଗଲେ । ଜବାବରେ ସେମାନେ ଗତରାତିର ଘଟଣା ଠିକେ ଠିକେ ଶୁଣାଇଦେଲେ । ରାଜା ଆଶ୍ଚର୍ଯ୍ୟ ହୋଇଗଲେ । ସେ ଭାବିଲେ ଏ ଚମତ୍କାର ତ ବ୍ରାହ୍ମଣଙ୍କ ଶ୍ଳୋକ ପାଇଁ ହୋଇଛି । ଶ୍ଳୋକଟି ଭାରି ଦରକାରୀ ହୋଇଥିଲା । ରାଜା ବ୍ରାହ୍ମଣଙ୍କ ଉପରେ ପ୍ରସନ୍ନ ହେଲେ । ତାଙ୍କୁ ଦରବାରକୁ ଡକାଇ ଲକ୍ଷେ ଟଙ୍କା ପୁରସ୍କାର ଦେଲେ । ସେ ଟଙ୍କା ସେ ନିଜ ସ୍ତ୍ରୀକୁ ଦେଇଦେଲେ । ସେଦିନ ବ୍ରାହ୍ମଣ ଘରେ ହାଲୁଆ ପୁରୀ ହେଲା ଓ ସମସ୍ତେ ଏକାସାଙ୍ଗରେ ମଉଜରେ ବସି ଖାଇଲେ ।





# କୁଆ ଚାଲିଲା ହଂସର ଚାଲି

ଗୋଟିଏ ପୋଖରୀ ଥିଲା । ପୋଖରୀ କୂଳରେ ଥିବା ବରଗଛରେ କୁଆଟିଏ ରହୁଥିଲା । ସେ କଜଳ ଭଳି କିଟ୍‌କିଟ୍ କଳା ଥିଲା, ପୁଣି ସେ କଣା ଓ ଛୋଟା ବି ଥିଲା । ଯେତେବେଳେ ସେ କା' କା' କରି ଉଡୁଥିଲା ତ ଯେମିତି ମନେ ହେଉଥିଲା ସେ ହେଇ ପଡ଼ିଯିବ, ପଡ଼ିଯିବ । ତା'ପରେ ବି ତା' ଗର୍ବ କିଛି କମ୍ ନ ଥିଲା । ସେ ଭାବୁଥିଲା ଯେ ତା' ଭଳି କେହି ଉଡ଼ିପାରିବେନି କି ମିଠା କଥା ବି କହି ପାରିବେନି ।


ଦିନେ ସେଠାକୁ କିଛି ହଂସ ଆସିଲେ । ରାତିଯାକ ବରଗଛ ଉପରେ ରହିଲେ । ଭୋର ହେବାରୁ କୁଆ ସେମାନଙ୍କୁ ଦେଖିଲା । ସେ ଚିନ୍ତାରେ ପଡ଼ିଲା... ଭଲା ଏ ଲମ୍ବା ବେକବାଲା ପ୍ରାଣୀ କିଏ ହୋଇପାରନ୍ତି ? କେଉଁଠୁ ଆସିଥିବେ ? ସେ ସିନା ଆଗରୁ ହଂସ ଦେଖିଥିଲେ ସେମାନଙ୍କୁ ଚିହ୍ନି ପାରିଥାଆନ୍ତା !

କୁଆ ମୁଣ୍ଡ ବଙ୍କାଇ ଦମ୍ଭରେ ପଚାରିଲା, "ତୁମେମାନେ କିଏ ? ମୋ ଅନୁମତି ନ ନେଇ ଏ ଗଛରେ କାହିଁକି ବସିଛ ?" ହଂସଟିଏ ପରିଚୟ ଦେଇ କହିଲା, "ଶ୍ରୀମାନ୍, ଆମେ ମାନସରୋବରର ହଂସ । ଭାରତ ଦର୍ଶନ ପାଇଁ ବାହାରିଛୁ । ଟିକେ ବିଶ୍ରାମ କରି ପୁଣି ଆଗକୁ ଯିବୁ ।" କୁଆ କହିଲା, "ତା ତ ଠିକ୍ । କିନ୍ତୁ ଭଲ ଭାବେ ଉଡ଼ିବା ଜାଣିଛ କି ନାହିଁ ? ନା ଖାଲି ନିଜ ପରକୁ ଧଳା କରିବା ଜାଣିଛ ?" ହଂସ କହିଲା, "ଆଜ୍ଞା ଅଳ୍ପ ବହୁତ ଉଡ଼ିପାରୁଛୁ ।" କୁଆ ନିଜ ଛାତି ଫୁଲାଇ କହିଲା, "ଆଉ, ମୋତେ ତ ଏକାବନ ପ୍ରକାର ଉଡ଼ିବା ଜଣା । ତୁମକୁ ?"

ହଂସ କହିଲା, "ପ୍ରକାରେ, ଦି' ପ୍ରକାରେ ଉଡ଼ିବା ଜାଣିଛୁ ..." କୁଆ ପୁଣି କହିଲା "ବା...ସ୍..." ହଂସ ନମ୍ରତାରେ କହିଲା, "ଆଜ୍ଞା, ଆମେ ଏତିକି ହିଁ ଜାଣିଛୁ ।" କୁଆ ଛାତି ଫୁଲାଇ କହିଲା- "ଭଲା, ଆମ ଭଳି କିଏ ହୋଇପାରିବ ? କାହିଁ ଏକାବନ ଆଉ କାହିଁ ଦୁଇ ? ଯେତେହେଲେ କୁଆ କୁଆ ଆଉ ହଂସ ହଂସ ।"

ହଂସମାନେ ଏକଥା ଶୁଣିଲେ । ମନକୁ ମନ ହସିଲେ ବି । ସେମାନଙ୍କ ମଧ୍ୟରେ ଗୋଟିଏ ପାଗଳ ହଂସ ଥିଲା । ସେ ରହିପାରିଲାନି । ସେ ଉଠିପଡ଼ି କହିଲା, "କୁଆକକା, ଯାଉ୍ସାଉ୍ ଗପି କ'ଣ ଲାଭ ? ପ୍ରଥମେ ଆପଣ ଏକାବନ ପ୍ରକାର ଉଡ଼ାଣ ତ ଦେଖାନ୍ତୁ । ଆମେ ବି ଜାଣୁ କୁଆ କେମିତି କୁଆ ଆଉ ହଂସ କେମିତି ହଂସ ।"

କୁଆ ଏ ପ୍ରତିଯୋଗିତା ପାଇଁ ରାଜି ହୋଇଗଲା । ଦମେ ଉପରକୁ ଉଠିଯାଇ ସେ କହିଲା "ଏ ହେଲା ପ୍ରଥମ ଉଡ଼ାଣ ।" ପୁଣି ତଳକୁ ଆସିଲା ଆଉ କହିଲା, "ଏ ହେଲା ଦ୍ୱିତୀୟ ଉଡ଼ାଣ ।" ପୁଣି ଗଛ ଶାଖାରେ ବସିଲା ଆଉ କହିଲା "ଏ ହେଲା ତୃତୀୟ ଉଡ଼ାଣ ।" ତା'ପରେ ସେ ଡାହାଣ ପାଖକୁ ଉଡ଼ି କହିଲା "ଏ ହେଲା ଚତୁର୍ଥ ଉଡ଼ାଣ ।" ପୁଣି ବାଁ ପାଖକୁ ଉଡ଼ି କହିଲା "ଏ ହେଲା ପଞ୍ଚମ



ଉଡ଼ାଣ ।" ଏମିତି ସେ ଏକାବନ ପ୍ରକାର ଉଡ଼ାଣ ଦେଖାଇଦେଲା । ପୁଣି ଗର୍ବରେ କହିଲା "କେମିତି ହେଲା ମୋ ଉଡ଼ାଣ ?"

'ଖୁବ୍ ସୁନ୍ଦର ।' ପାଗଳ ହଂସ ମନକୁ ମନ ହସି ହସି କହିଲା "ଏବେ ଆପଣ ବି ଆମର ଗୋଟେ ଉଡ଼ାଣ ଦେଖନ୍ତୁ ।" କୁଆ କହିଲା, "ଗୋଟେ ଉଡ଼ାଣରେ ଦେଖିବାର କ'ଣ ଅଛି ? ଏମିତି ପର ଫଡ଼ଫଡ଼ କରିବ ଓ ଏମିତି ଉଡ଼ିଯିବ । କଥା ଶେଷ ।" ହଂସ କହିଲା, "ଆଜ୍ଞା, କିନ୍ତୁ ଆପଣ ବି ଜାଣିବା ଦରକାର ଯେ ଆମେ ମିଛ ବାହାଦୁରି କରୁ ନାହୁଁ ।"



"ଚାଲ, ଏବେ ଜଣା ପଡ଼ିଯିବ" କହି ସେ ପର ଫଡ଼ଫଡ଼ କରି ଉଡ଼ିବା ଆରମ୍ଭ କଲା । ତା' ପଛରେ ହଂସ ବି ଚାଲିଲା । କୁଆ ପଛକୁ ଚାହିଁ କହିଲା, "କହ, ଏଇ ତୁମର ଉଡ଼ାଣ ?" ହଂସ କହିଲା, "ଉଡ଼ି ଚାଲ । ଏ ତ କେବଳ ଆରମ୍ଭ ।" କୁଆ କହିଲା, "କିନ୍ତୁ ତୁମେ ପଛେ ପଛେ କାହିଁକି ଉଡ଼ୁଛ ? ଟିକେ ଚଟାପଟ ଉଡ଼ି ଆଗକୁ ଯାଅ ।" ହଂସ କହିଲା, "ସମୟ ଆସିଲେ ଆମେ ଆଗକୁ ବି ଯିବୁ ।" କୁଆ କହିଲା, "ତୁମ ଉଡ଼ାଣରେ କିଛି ଦମ୍ ନାହିଁ । ଚାଲ ଆମେ ଏବେ ଫେରିଯିବା ।" ହଂସ କହିଲା, "କକା, ଏବେ ତ ଆମେ ନିଜର ଉଡ଼ାଣ ଦେଖାଇ ନାହୁଁ ଆଉ ଆପଣ ଲେଉଟିଯିବା କଥା କହିଲେଣି ।"

କୁଆ ଏବେ ଥକି ଯାଇଥିଲା । ଉଡ଼ି ଉଡ଼ି ସେ ହଂସପୁରକୁ ଆସିଯାଇଥିଲା । ହଂସ ପଚାରିଲା, "ଆରେ କକା, ଆପଣ ପଛରେ କେମିତି ରହିଗଲେ ? ଅସଲ ଉଡ଼ାଣ ତ ଏବେ ବାକି ଅଛି ।"

କୁଆ କହିଲା, "ତୁମେ ଉଡୁଥା, ମୁଁ ଦେଖୁଛି ।" କୁଆ ଏବେ ସତରେ ହାଲିଆ ହୋଇ ପଡୁଥିଲା । ଧୀରେ ଧୀରେ ସେ ତଳକୁ ଖସି ଆସୁଥିଲା । ଅଧିକ ଉଡ଼ିବାକୁ ତା' ଦେହରେ ବଳ ନ ଥିଲା । ଏବେ ତା' ଡେଣା ପାଣିକୁ ଛୁଉଁଥିଲା । ହଂସ ପଛକୁ ଚାହିଁ ଥଟ୍ଟାରେ କହିଲା, "କକା, ଟିକେ କହିଦିଅନା ପାଣିରେ ଥଣ୍ଟ ବୁଡ଼ାଇ ଉଡ଼ିବାର ବାଗ କ'ଣ ?" କୁଆ କି ଜବାବ ଦେଇଥାଆନ୍ତା ? ଏବେ ହଂସ ଉପରେ ଉପରେ ଉଡୁଥିଲା ଓ କୁଆ ତଳେ ପାଣିରେ ବୁଡ଼ିଯାଉଥିଲା । ହଂସ କହିଲା, "କ'ଣ ଆପଣ ଥକିଗଲେ କି କକା ? ମନେରଖିବେ, ଏବେ ମୋର ଉଡ଼ାଣ ଦେଖିବା ବାକି ଅଛି ।"




ପାଣି ପିଇ ପିଇ କୁଆ ଉଡ଼ିବାକୁ ଚେଷ୍ଟା କରୁଥିଲା । କିଛି ଦୂର ଉଡ଼ିବା ପରେ ସେ ପାଣିରେ ପଡ଼ିଗଲା । ହଂସ ପୁଣିଥରେ ଥଟ୍ଟା କଲା, "କକା, ଏ କ'ଣ ଗୋଟେ ନୂଆ ଉଡ଼ାଣ ନା କ'ଣ ?" କିନ୍ତୁ ସେତେବେଳକୁ କୁଆ ତ ପାଣିରେ ବୁଡୁଥିଲା, ଉଠୁଥିଲା ।

ହଂସର ଦୟା ହେଲା । ସେ ତଳକୁ ଖସି ବୁଡ଼ିଯାଉଥିବା କୁଆକୁ ପାଣିରୁ ଉଠାଇଲା ଓ ନିଜ ପିଠି ଉପରେ ବସାଇଲା । ତାକୁ ନେଇ ସେ ଆକାଶ ଆଡ଼କୁ ଉଡ଼ିଚାଲିଲା । କୁଆ ଡରିଗଲା । ସେ କହିଲା, "ତୁ ଏ କ'ଣ କରୁଛୁ ? ମୋ ମୁଣ୍ଡ ଘୂରାଇ ଦେଉଛି । ଚଞ୍ଚଳ ତଳକୁ ଚାଲ ।" ହଂସ କହିଲା, "ଏବେ ମୁଁ ମୋ ଉଡ଼ାଣ ଦେଖାଇଲିଣି କେଉଁଠି ?"

କୁଆ ବ୍ୟସ୍ତ ହୋଇ କହିଲା, "ମୁଁ ତୋତେ ହାତ ଯୋଡୁଛି । ତୋତେ ମୁଣ୍ଡିଆ ମାରୁଛି । ମତେ ମୋ ବସାରେ ଛାଡ଼ି ଦେ । ଦୟା... ଦୟା କର ମୋ ଉପରେ ।"


ଆକାଶରେ ହଂସ ଲମ୍ବା ଉଡ଼ାଣ ଲଗାଇ ସିଧା ବରଗଛ ଉପରେ ଆସି ପହଞ୍ଚିଲା । ଏବେ କୁଆ ଦେହରେ ଜୀବନ ପଶିଲା । ସେହି ଦିନଠାରୁ ସେ ବୁଝିଗଲା ଯେ ବାହାଦୁରି ମାରିବା ଲାଭଜନକ ନୁହେଁ ବରଂ ଏଥିରେ ନିଜର କ୍ଷତି ବେଶି ।



# ଚାଲ୍‌ରେ ଢୋଲ ଢମ୍ ଢମ୍ ଢମ୍

ଗୋଟିଏ ଛେଳିଛୁଆ ଥିଲା । ସେ ତା' ଆଈ ଘରକୁ ଯିବାକୁ ବାହାରିଲା । ରାସ୍ତାରେ ଗୋଟିଏ ଶିଆଳ ସହିତ ତା'ର ଭେଟ ହେଲା । ଶିଆଳ ଭୋକିଲା ଥିଲା । କହିଲା, "ମୁଁ ତତେ ଖାଇବି ।" ଛେଳିଛୁଆ କହିଲା–

ଆଈ ଘରକୁ ଆଗ ଯିବି
ଖାଇପିଇ ତାଗଡ଼ା ହେବି
ତେବେ ତୁ ମତେ ଖାଇବୁ ।



ଶିଆଳ କହିଲା 'ଠିକ୍ ଅଛି ।' ଛେଳିଛୁଆ ଆଗକୁ ଚାଲିଲା । ଅଳ୍ପ ବାଟ ଯିବା ପରେ ତା'ର ଗୋଟେ ଗଧିଆ ସାଙ୍ଗରେ ଦେଖା ହେଲା । ଗଧିଆ କହିଲା, "ମୁଁ ତତେ ଖାଇବି ।" ଛେଳିଛୁଆ କହିଲା–

**ଆଈ ଘରକୁ ଯିବାକୁ ଦିଅ**

**ମୋଟା ତାଗଡ଼ା ହେବାକୁ ଦିଅ**

**ତା'ପରେ ମତେ ଖାଇବ ।**

ଗଧିଆ କହିଲା, 'ଠିକ୍ ଅଛି ।' ଛେଳିଛୁଆ ପୁଣି ଆଗକୁ ଚାଲିଲା । କିଛି ବାଟ ଯିବା ପରେ ସେ ଗୋଟେ ବାଘକୁ ଭେଟିଲା । ବାଘ କହିଲା 'ମୁଁ ତତେ ଖାଇବି ।' ଛେଳିଛୁଆ କହିଲା–

**ଆଈ ଘରକୁ ଯିବାକୁ ଦିଅ**

**ମୋଟା ତାଗଡ଼ା ହେବାକୁ ଦିଅ**

**ତା'ପରେ ମତେ ଖାଇବ ।**

ବାଘ କହିଲା 'ଠିକ୍ ଅଛି ।' ଛେଳିଛୁଆ ଆଗକୁ ଚାଲିଲା । ରାସ୍ତାରେ ତା' ସହିତ ଶିଆଳ, ଶାଗୁଣା ଓ ଚିତାବାଘ ଆଦି ଅନେକ ଜନ୍ତୁଙ୍କର ଦେଖା ହେଲା । ସମସ୍ତଙ୍କୁ ସେ ଗୋଟିଏ କଥା କହିଲା–

**ଆଈ ଘରକୁ ଯିବାକୁ ଦିଅ**

**ମୋଟା ତାଗଡ଼ା ହେବାକୁ ଦିଅ**

**ତା'ପରେ ମତେ ଖାଇବ ।**

ଶେଷରେ ସରଳ ଛେଳିଛୁଆ ତା' ଆଈ ଘରେ ପହଞ୍ଚିଲା ଆଉ ଆଈକୁ କହିଲା, "ଆଈ, ଆଈ, ମତେ ସବୁଦିନେ ହାଲୁଆ ପୁରୀ ଖୁଆଅ । ମୋଟା ତାଗଡ଼ା କରିଦିଅ । ମୁଁ ସବୁ ଜନ୍ତୁଙ୍କ ପାଖରେ ସତ୍ୟ କରିଛି । ସମସ୍ତେ ମତେ ଖାଇବାକୁ ଚାହୁଁଛନ୍ତି ।"

ଛେଳିଛୁଆ ଆଈ ଘରେ ବହୁତ ଖିଆପିଆ କଲା ଓ ସତକୁ ସତ ମୋଟାସୋଟା ହୋଇଗଲା । ତା' ବୁଦ୍ଧି ବି ବଢ଼ିଗଲା । ସେ ଆଈକୁ କହିଲା, "ଆଈ, ଆଈ, ମୋର ଗୋଟେ ଢୋଲ ଦରକାର । ମୁଁ ତା' ଭିତରେ ଲୁଚିଯିବି । କେହି ମତେ ଦେଖିପାରିବେ ନାହିଁ ।" କେହି ମୋତେ ଚିହ୍ନିପାରିବେ

ନାହିଁ । କେହି ମତେ ଖାଇପାରିବେ ନାହିଁ ।

ଆଈ ଛେଳିଛୁଆ ପାଇଁ ବଢ଼ିଆ ଢୋଲ ତିଆରି କରିଦେଲା । ତା' ଭିତରେ ବିଛଣା ବିଛେଇ ଦେଲା । ଛେଳିଛୁଆ ଢୋଲରେ ବସିଗଲା । ଆଈ ଢୋଲକୁ ଏମିତି ଧକ୍କା ମାରିଲା ଯେ ଢୋଲ ଗଡ଼ି ଗଡ଼ି ଚାଲିଲା । ରାସ୍ତାରେ ତା'ର ଚିତାବାଘ ସହିତ ଦେଖା ହେଲା । ଚିତା ଢୋଲକୁ ପଚାରିଲା "ଭାଇ, ତୁମେ କୋଉଠି ଛେଳିଛୁଆକୁ ଦେଖିଛ କି ?"

ଢୋଲ ଭିତରେ ପଶି ଛେଳିଛୁଆ କହିଲା-

**କୋଉ ଛେଳିଛୁଆ କେମିତି କଥା**
**ଇଏ ସବୁ ଭାରି ବେକାର କଥା**
**ଚାଲରେ ଢୋଲ ଢମ୍ ଢମ୍ ଢମ୍**
**ଏବେ ହୋଇଯିବ ରାତି ଜାଣିଥା ।**

ଏମିତି ସମସ୍ତଙ୍କୁ ଜବାବ ଦେଇ ଦେଇ ଛେଳିଛୁଆ ବହୁତ ଦୂର ଚାଲିଗଲା । ଶେଷରେ ତା'ର ଶିଆଳ ସାଙ୍ଗରେ ଦେଖା ହେଲା । ଶିଆଳ କହିଲା, "ଭାଇ, ତୁମେ କେଉଁଠି ଛେଳିଛୁଆକୁ ଦେଖିଛ କି ?" ଢୋଲ ଭିତରୁ ଛେଳିଛୁଆ କହିଲା-

**କୋଉ ଛେଳିଛୁଆ କେମିତି କଥା**
**ବେକାର କଥା ଏ ତୁମେ ଜାଣିଥା**
**ଚାଲରେ ଢୋଲ ଢମ୍ ଢମ୍ ଢମ୍**
**ଏବେ ହୋଇଯିବ ରାତି ଜାଣିଥା ।**

ଶିଆଳ ଖୁବ୍ ସିଆଣିଆ ଥିଲା । ସେ ଛେଳିଛୁଆର ସ୍ୱର ବାରିପାରିଲା । 'ଆରେ...' ସେ କହିଲା "ଯା ଭିତରେ ତ ଛେଳିଛୁଆ ଲୁଚିଛି । ଏବେ ତ ମୁଁ ଏ ଢୋଲ ଚିରି ଛେଳିଛୁଆକୁ କଞ୍ଚା ଚୋବେଇ ଖାଇଯିବି ।" ସେତେବେଳକୁ ଗଡ଼ି ଗଡ଼ି ଯାଉଥିବା ଢୋଲ ଛେଳିଛୁଆ ଘର ପାଖରେ ପହଞ୍ଚି ଯାଇଥିଲା । ସାଙ୍ଗେ ସାଙ୍ଗେ ଛେଳିଛୁଆ ଡେଇଁପଡ଼ି ନିଜ ଘରେ ପଶିଗଲା । ଶିଆଳ ମୁହଁ ବନ୍ଦ କରି ଦରଜା ଆଡ଼କୁ ଅନାଇଥିଲା ।




# ବେଡ଼ି ଉପରେ କୋରଡ଼ା

ଦରଜି ମିଆଁଙ୍କ ପରିବାରରେ ମିଆଁ ବିବି ଦୁହେଁ ଖୁବ୍ କୃପଣ ଥିଲେ । ତାଙ୍କ ଘରକୁ ଯଦି ଭଦ୍ରଲୋକ ଆସୁଥିଲେ ତ ସେମାନେ ମନେ କରୁଥିଲେ ମୁଣ୍ଡବଥା ଆସିଗଲା । ଦିନେ ତାଙ୍କ ଘରକୁ ସେ ଡାକି ନ ଥିବା ବନ୍ଧୁମାନେ ଆସି ପହଞ୍ଚିଗଲେ । ଦରଜି ଚିନ୍ତାରେ ପଡ଼ିଲେ । ସେ ଭାବିଲେ... ଏମିତି କିଛି କରିବା ଦରକାର, ଯେମିତି ବନ୍ଧୁମାନେ ସାଙ୍ଗେ ସାଙ୍ଗେ ଫେରିଯିବେ । ତାଙ୍କୁ କୌଶଳ ମଧ୍ୟ ମିଳିଗଲା । ସେ ଭିତରକୁ ଯାଇ ତାଙ୍କ ସ୍ତ୍ରୀଙ୍କୁ କହିଲେ, "ଶୁଣ ବେଗମ, ମୁଁ ଯେତେବେଳେ ତୁମ ଉପରେ ମାଡ଼ ବର୍ଷା କରିବି ସେତେବେଳେ ତା'ର ଜବାବରେ ତୁମେ ବି ମୋ ଉପରେ ମାଡ଼ ବର୍ଷା କରିବ । ମୁଁ ଯେତେବେଳେ ମୋ ବାଡ଼ି ଧରି ତୁମକୁ ମାରିବାକୁ ଦଉଡ଼ିବି, ତୁମେ ଦୌଡ଼ି ଦୌଡ଼ି ପଳାଇବ । ମୁଁ ତୁମ ପଛରେ ଗୋଡ଼ାଇବି । ଅତିଥି ଭାବିବେ ଯେ ଏ ଘରେ ଗଣ୍ଡଗୋଳ ଲାଗିଛି । ତେଣୁ ସେମାନେ ଫେରିଯିବେ ।" ବିବି କହିଲେ- "ମିଆଁ, ଆପଣଙ୍କ ପରି କିଏ ହେବ ?"

କିଛି ସମୟ ପରେ ଦରଜି ମିଆଁ ଦୋକାନରୁ ଆସି ବିବିଙ୍କ ଉପରେ ମାଡ଼ବର୍ଷା କଲେ । ଜବାବରେ ବିବି ମଧ୍ୟ ମିଛିମିଛିକା ଗାଳିମନ୍ଦ କଲେ । ଦରଜି ମିଆଁ ବାଡ଼ି ଧରି ତାଙ୍କୁ ମାରିବାକୁ ଧାଇଁଲେ । ବିବି ମଧ୍ୟ କେବେ ନ ଲେଉଟିବାର ଶପଥ କରି ବାପଘରକୁ ଚାଲିଗଲେ ।

ଅତିଥିମାନେ ବୁଝିବାର ଥିଲେ । ସେମାନେ ନିଜ ନିଜ ଭିତରେ କଥାବାର୍ତ୍ତା କଲେ । "ଲାଗୁଛି ମିଆଁ ଆମକୁ ଖାଇବାକୁ ଦେବାକୁ ଚାହୁଁ ନାହାନ୍ତି । ତେଣୁ ଏ ନାଟକ କରୁଛନ୍ତି । କିନ୍ତୁ ଆମେ ତ ସେ ଦିହିଁଙ୍କଠାରୁ କମ୍ ନୁହେଁ । ଚାଲ ଆଟୁ ଉପରେ ଚଢ଼ି ଲୁଚିଯିବା ।"

ଅତିଥିମାନେ ଚାଲିଗଲେ ଭାବି କିଛି ସମୟ



ପରେ ଦରଜି ମିଆଁ ନିଜ ବିବିଙ୍କ ସାଥିରେ ଫେରିଆସିଲେ । ଘର ଖାଲି ହୋଇଯାଇଥିବା ଦେଖି ସେ ଦୁହେଁ ଖୁବ୍ ଖୁସି ହେଲେ । କଷ୍ଟ ଗଲା ଭାବି ଉଭୟେ ନିଜ ନିଜର ତାରିଫ୍ କରିବାରେ ଲାଗିଲେ ।

**ମିଆଁ- ମୁଁ କେମିତି ସିଆଣିଆ ଧାଇଁଲି ଧରି ବାଡ଼ି**


**ବିବି- ମୁଁ କେମିତି ଚାଲାକ୍ ଯେ ଗଲି ଦଉଡ଼ି ଦଉଡ଼ି**

ଏକଥା ଶୁଣି ଆଟୁ ଉପରୁ ଅତିଥିମାନେ କହିଲେ-

**ଆମେ ବି କେମିତି ଜିଦିଆ ଯେ ଅକଲ ଆମର ବଡ଼**

**ତୁମକୁ ପାରିଲୁ ଧରି, ଜାଣିଲୁ ଅଛି କିଛି ଗଡ଼ବଡ଼**

ଦରଜି ମିଆଁ ଓ ତାଙ୍କ ବିବି ଚମକିପଡ଼ି ଉପରକୁ ଚାହିଁଲେ ଆଉ ଆଟୁ ଉପରୁ ସେମାନେ ଅତିଥିମାନଙ୍କୁ ଓହ୍ଲାଇ ଦେଲେ । ଅତିଥିମାନଙ୍କୁ ଖୁବ୍ ଭଲରେ ଖୁଆଇ ପିଆଇ ସେମାନଙ୍କୁ ବିଦାୟ ଦେଲେ ।







nbt.india
एकः सूते सकलम्
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

₹ 85.00
ISBN 812377918-6
9 788123 779188
16170257